# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ମାର୍ଚ୍ଚ, ୨୦୨୫

----

**[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଶିଳ୍ପ ].**

**ମୋଟ ପ୍ରଶ୍ନର ସଂଖ୍ୟା - 219**

----

### ହୋଇଥିବା କାର୍ଯ୍ୟ ଓ ସଫଳତାର ବିବରଣୀ

4730 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରୀ ଜିଲ୍ଲାରେ State Employment Policy, 2005 ଅନ୍ତର୍ଗତରେ କି ପ୍ରକାର କାର୍ଯ୍ୟମାନ ଓ ଏଥିରୁ ମିଳିଥିବା ସଫଳତାର ଲାଭାର୍ଥ ବିଗତ 5 ବର୍ଷର ବିବରଣୀ ପ୍ରଦାନ କରିବେ କି?

----

### ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ

4805 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Madhu Babu Pension Yojana and National Social Assistance Programme ଅଧୀନରେ କେତେ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇଛନ୍ତି ଓ ସେଥିମଧ୍ୟରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଲାଭାର୍ଥ କେତେ ଅଛନ୍ତି ତାହାର ତଥ୍ୟ ଦେବା ସହ, ବାକି ଯୋଗ୍ୟ ବ୍ୟକ୍ତି କେବେ ସୁଦ୍ଧା ଅନ୍ତର୍ଭୁକ୍ତ ହୋଇପାରିବେ ?

----

## Proposals for expansion of Steel Industries

5134 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many steel industries in the State have submitted proposals for expansion will the Govt provide industry -wise details ; (b) What is the total investment planned for each proposed expansion project and what is the expected employment generation from each expansion project, both direct and indirect ; What specific measures and policies have been implemented to ensure prioritization of local employment in these expansion projects ?

----

## ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ ଜମି ପ୍ରଦାନ

5143 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରକାଶିତ କେଉଁ ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ କେଉଁଠାରେ କେତେ ମୂଲ୍ୟରେ କେତେ ଜମି ପ୍ରଦାନ କରାଯାଇଛି ?

----

## ବିନ୍ଧାଣି ଜାତି ସମ୍ପର୍କରେ

5206 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ "ବିନ୍ଧାଣି" ଏକ ଜାତିକୁ ସୃଷ୍ଟି କରାଯାଇ 2022 ମସିହାରେ ଏସ୍.ସି.ବି.ସି (S.C.B.C) ତାଲିକାରେ ରଖାଗଲା, ଏହା ଭାରତ ସରକାରଠୁ ଅନୁମୋଦନ ପାଇଛି କି, ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା "ବିନ୍ଧାଣି" ସମ୍ପ୍ରଦାୟ ଲୋକଙ୍କ ବୃତ୍ତି କଣ ଓ ଜନସଂଖ୍ୟା କେତେ, ସେମାନଙ୍କର ମାତୃଭାଷା କଣ, ମୟୂରଭଞ୍ଜ ଗେଜେଟିୟରସରେ "ବିନ୍ଧାଣି" ଏକ ଜାତି ଓ ବିନ୍ଧାଣି ଭାଷା, ଏକ ଭାଷା ରହିଛା ଉଲ୍ଲେଖ ଅଛି କି, ସରକାର ପାଖରେ ପଛୁଆବର୍ଗ କମିଶନ "ବିନ୍ଧାଣି" ଜାତି ସମ୍ବନ୍ଧୀୟ ସର୍ଭେ ରିପୋର୍ଟରେ ତଥ୍ୟ ପ୍ରଦାନ କରିବେ କି ?

----

## ବିଶ୍ୱବିଦ୍ୟାଳୟରେ ଥିବା ପଦବୀ ପୂରଣ

5218 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ପରିଚାଳିତ ବିଶ୍ୱବିଦ୍ୟାଳୟ ସଂଖ୍ୟା କେତୋଟି, ଏହାର ନାମ ତାଲିକା ଉପସ୍ଥାପନ କରିବେ କି ; ଏହି ବିଶ୍ୱବିଦ୍ୟାଳୟ ଗୁଡିକରେ ସରକାରଙ୍କ ମଂଜୁରୀପ୍ରାପ୍ତ(sanctioned post) ଅଧ୍ୟାପକ ସମୁଦାୟ ସଂଖ୍ୟା କେତେ, କେତେଜଣ କେଉଁ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି, କେତେ ସଂଖ୍ୟା ଖାଲିଅଛି, ଶିକ୍ଷାଦାନ ବ୍ୟାପକ ଅବହେଳା ହେଉଥିବାରୁ ଖାଲିଥିବା ସ୍ଥାନ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ କେବେ ସୁଦ୍ଧା ପୂରଣ ହେବ ସରକାର ଏଥିଲାଗି କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ; ଏହି ଅନୁସାରେ ପ୍ରତ୍ୟେକଟିରେ ମଂଜୁରୀପ୍ରାପ୍ତ ଅଣଶିକ୍ଷା କର୍ମଚାରୀ ସଂଖ୍ୟା କେତେ ; କେତେ କାର୍ଯ୍ୟରତ ଅଛନ୍ତି, କେତେ ଖାଲିଅଛି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ଖାଲିଥିବା ସ୍ଥାନ ପୁରଣ ପାଇଁ ତ୍ୱରିତ ପଦକ୍ଷେପ କଣ?

----

## କ୍ରୀଡା ସମ୍ବନ୍ଧରେ ଶିକ୍ଷାଦାନ କରିବାକୁ ପଦକ୍ଷେପ

5219 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରଥମ/ଷଷ୍ଠ ଶ୍ରେଣୀରୁ କ୍ରୀଡା ଶିକ୍ଷା ପାଇଁ ସିଲାବସ୍ ପ୍ରସ୍ତୁତ କରିବା ଏବଂ କ୍ରୀଡା ସମ୍ବନ୍ଧରେ ଶିକ୍ଷାଦାନ କରିବାକୁ ସରକାର ବିଚାର ବିମର୍ଷ କରିବେ କି ଯାହାଦ୍ୱାରା ଉନ୍ନତ ଖେଳାଳୀ ଶିଶୁ ଅବସ୍ଥାରୁ ସୃଷ୍ଟି ହେବେ?

----

## ଇଂରାଜୀ ଶିକ୍ଷାର ଦକ୍ଷତା ବୃଦ୍ଧି

5220 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଦ୍ୟାଳୟ ମାନଙ୍କରେ ବିଦ୍ୟାର୍ଥୀମାନଙ୍କୁ ଇଂରାଜୀ ଶିକ୍ଷା ପ୍ରଦାନ କରି ଇଂରାଜୀରେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ

5221 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଲଘୁ ସଂପ୍ରଦାୟର କେତେ ପରିବାର ବସବାସ କରୁଛନ୍ତି ଓ ସେମାନେ ସ୍ୱାଭାବିକ ଭାବେ ଜୀବନଯାପନ ପାଇଁ କେଉଁ କେଉଁ ସରକାରୀ ସୁବିଧା ପ୍ରାପ୍ତ ହେଉଛନ୍ତି କହିବେ କି ; ସେହିପରି OBC ମାନଙ୍କ ସଂଖ୍ୟା କେତେ ଓ ସେମାନେ କୌଣସି ସରକାରୀ ସୁବିଧା କଣ ପାଉଛନ୍ତି କହିବେ କି ; ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପାଇଁ ଓ ବିକାଶ ପାଇଁ ସରକାରଙ୍କର ଯୋଜନା କଣ ଅଛି?

----

## ବିଜ୍ଞାନ, ଗଣିତ ଓ ଇଂରାଜୀ ଶିକ୍ଷକ ଅଭାବ

5222 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତୋଟି ସରକାରୀ ପ୍ରାଥମିକ ସ୍କୁଲ, କେତୋଟି ଉଚ୍ଚ ପ୍ରାଥମିକ ଓ କେତୋଟି ହାଇସ୍କୁଲ(ସରକାରୀ) ଅଛି ; ସେହି ଅନୁସାରେ କେତୋଟି ଉଚ୍ଚ ମାଧ୍ୟମିକ ଓ ହାଇସ୍କୁଲ ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଛି ଓ କେତୋଟି ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଅଛି ଉତ୍ତର ଦେବା ସହ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ବହୁ ସଂଖ୍ୟାରେ ଶିକ୍ଷକ ଅଭାବ ହେତୁ ଅନ୍ୟ subjectର ଶିକ୍ଷକମାନେ ବିଜ୍ଞାନ, ଗଣିତ ଓ ଇଂରାଜୀ କ୍ଲାସ ଚଳାଇଛନ୍ତି ; ପିଲାମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଏହି ପଦବୀଗୁଡିକ ପୂରଣ କରିବେ କି?

----

**Establish of new Industries in Cuttack**

**5223 Smt. Sofia Firdous (Barabati-Cuttack):**

Will the Minister for **Industries** be pleased to state that:- **(a) What is the current implementation status of new industries to be established in Cuttack district, as previously reported in Unstarred Assembly Question No.350 dated 26.07.2024; (b) The department-wise breakdown of total employees currently employed in each of these industrial units; The number of local residents from Cuttack district who have secured employment in these industrial units and what percentage of the total workforce do they represent**?

----

**Submit the Complete documents for Baliyatra**

**5224 Smt. Sofia Firdous (Barabati-Cuttack):**

Will the Minister for **Odia Language, Literature & Culture** be pleased to state that:- **(a) Given that the deadline for the 2026 cycle nominations for UNESCO's intangible Cultural Heritage is 2nd April 2025, what steps have been taken so far to nominate Baliyatra; (b) By when will the department complete and submit the necessary documents for Baliyatra's consideration, and what efforts are being made to ensure its successful recognition**?

----

**Implementation of preservation work for each school**

**5225 Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- **(a)Which schools in Barabati-Cuttack Constituency, established 100 or more years ago, have been identified under the Heritage Development Scheme; Will the government share details school-wise; (b) What funds have been**

**allocated or proposed for the preservation of each of these schools' cultural heritage; What is the detailed timeline for the implementation of preservation work for each school**?

----

**Current student-teacher ratio**

5226 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What is the current student-teacher ratio in primary and secondary schools in Deogaon block, Balangir block and other blocks of Balangir District; (b) Are there any plans to recruit additional teachers to address teacher shortages specifically in these blocks; What measures are being taken to improve school infrastructure, including classroom conditions, sanitation facilities, and access to digital learning resources in Deogaon block, Balangir block, and other blocks of Balangir district; Has the government introduced any new initiatives to reduce dropout rates and enhance learning outcomes in marginalized communities in these blocks?

----

**Hostels, residential schools and scholarships provided to Students**

5227 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What measures have been taken by the government to improve educational facilities for ST, SC, Minorities and Backward Classes students in Balangir district, particularly in remote and tribal-dominated areas; (b) How many hostels, residential schools, and scholarships have been provided to students belonging to these communities in Balangir district over the past three years?

----

**5T ଅନୁମୋଦନରେ ହାଇସ୍କୁଲ କାର୍ଯ୍ୟ**

5228 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେଗୋଟି ହାଇସ୍କୁଲ 5T ଅନୁମୋଦନରେ କାର୍ଯ୍ୟ ହୋଇଛି, ବିଦ୍ୟାଳୟ ଗୁଡିକ ଶ୍ରେଣୀ ଗୃହ ଅଭାବ ଥିବା ସ୍ଥଳେ 5T ରେ ପୁରୁଣା Building ଗୁଡ଼ିକୁ ରଙ୍ଗ କରିବା ଓ ଶ୍ରେଣୀ ଗୃହ ଗୁଡ଼ିକୁ ପରୀକ୍ଷାଗାର ଓ ଗ୍ରନ୍ଥାଗାର କରାଯାଇଥିବା ସତ୍ୟ କି, ଶ୍ରେଣୀ ଗୃହର ଅଭାବ ପୁରଣ ପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହା କେବେ ସୁଦ୍ଧା ପୂରଣ ହେବ, (ଖ) Smart Class ଉପକରଣ ଗୁଡିକ ଅତ୍ୟନ୍ତ ନିମ୍ନମାନର ଦିଆଯାଇଅଛି, ଏହାର ମାନ ନିର୍ଦ୍ଧାରଣ କିଏ କରିଛି, ଏବଂ ଏହା କେଉଁ ସଂସ୍ଥା ଦ୍ୱାରା ଯୋଗାଇ ଦିଆଯାଇଛି, ତାହାର ସବିଶେଷ ତଥ୍ୟ ଉତ୍ତର ରଖିବେ କି ?

----

## ଅନୁଦାନ ପ୍ରାପ୍ତ ହୋଇନଥିବା ଅନୁଦାନ ନେବା

5229 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେତେ ଅଣ ଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଅନୁଦାନ ପ୍ରାପ୍ତି ପାଇଁ ଅପେକ୍ଷାରତ ଅଛନ୍ତି, ତାହାର ଏକ ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି, ଅନୁଦାନ ପ୍ରାପ୍ତି ପାଇଁ ଉକ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାର କେବେ ସୁଦ୍ଧା ଅନୁଦାନ ମଞ୍ଜୁର କରିବେ ?

----

## ଡ୍ରପ ଆଉଟ୍ ହାର

5230 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ବିଭିନ୍ନ ସ୍କୁଲରେ ଡ୍ରପ୍ ଆଉଟ୍ ହାର କେତେ ରହିଛି, ଜାତୀୟ ହାରଠାରୁ ଓଡ଼ିଶାରେ ଡ୍ରପ ଆଉଟ୍ ହାର କ'ଣ ରହିଛି ତାହାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଜାତୀୟ ଶିକ୍ଷାନୀତି ଲାଗୁ

5231 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି କି, ଉତ୍ତର ଯଦି ହଁ ହୁଏ, ତେବେ ଏଥିପାଇଁ ସରକାରୀ ସ୍କୁଲ ଗୁଡିକରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ଭିତ୍ତିଭୂମି ସୁଦୃଢ ରହିଛି କି ?

----

## ବିଦ୍ୟାର୍ଥୀଙ୍କୁ ପରିବେଶ ସଚେତନ ଶିକ୍ଷାଦାନ କରିବାକୁ ପ୍ରସ୍ତାବ

5232 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ବିଦ୍ୟାର୍ଥୀମାନଙ୍କୁ ପରିବେଶ ସମ୍ପର୍କରେ ସଚେତନ ଓ ଶିକ୍ଷାଦାନ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିକ୍ଷାୟନ ପାଇଁ ଶିକ୍ଷଗୋଷ୍ଠୀ ଆଗ୍ରହ ପ୍ରକାଶ

5233 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଶିକ୍ଷାୟନ ପାଇଁ କେଉଁ ଶିକ୍ଷଗୋଷ୍ଠୀ ଆଗ୍ରହ ପ୍ରକାଶ କରିଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରି ଶିକ୍ଷାୟନ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Percentage of Teacher in Kalahandi District

5234 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What percentage of teachers in Kalahandi district have received training on the new National Education Policy (NEP) 2020 ?

----

## Benefited from Central Scholarship

5235 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the status of scholarships for economically disadvantaged students in higher education institutions of Western Odisha, how many students from Kalahandi have benefited from state and central scholarship schemes in the past three years ?

----

## MoU signed in make in Odisha

5236 **Shri Sagar Charan Das (Bhawanipatna):**

Will the Minister for **Industries** be pleased to state that:- How many MoUs have been signed in the past four years as a part of 2 Make in Odisha and 1 Utkarsh Odisha Conclaves for setting up projects in Odisha, the details on the number of projects executed and under execution with respective values?

----

## ବନ୍ଦ ହୋଇଥିବା ଶିକ୍ଷସଂସ୍ଥାର ପୁନଃରୁଦ୍ଧାର

5237 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ Heavy Industry ନାହିଁ ଓ ଯେଉଁସବୁ product ଗୁଡିକ ଆମକୁ ବିଦେଶରୁ ଓ ଅନ୍ୟ ରାଜ୍ୟରୁ ଆମଦାନୀ କରିବାକୁ ବାଧ୍ୟ ହେଉଛୁ ସେହିସବୁ ଦ୍ରବ୍ୟର ଉତ୍ପାଦନ ଏବଂ ଆବଶ୍ୟକ ହେଉଥିବା ଶିଳ୍ପ କାରଖାନାଗୁଡିକୁ ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା କରିବା ପାଇଁ ସରକାର ଚିନ୍ତା କରିବେକି ଓ ସେଥିପାଇଁ ବଡ ବଡ ଶିଳ୍ପ ସଂସ୍ଥା ସହ MOU କରିବେକି?

----

## ରାଜ୍ୟରେ ଥିବା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ

5238 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବହୁ ସଂଖ୍ୟାରେ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଛି ଓ ସେଠାରେ ମାତ୍ର 2 ବା 3 ଜଣ ଶିକ୍ଷକତା ନେଇ ବିଦ୍ୟାଳୟ ଚାଲିଥିବାରୁ କିଛି ଦିନ ପରେ ସେହି ଶିକ୍ଷକମାନେ ଅବସର ନେବାକୁ ଥିବାରୁ ସେହି ସ୍କୁଲର ପିଲାଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ସରକାର ବ୍ୟବସ୍ଥା କରିବେ କି, ସେହିଭଳି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲରେ ଓ ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ଶିକ୍ଷକମାନଙ୍କ ଅବସର ପରେ ଆଉ ନୂତନ ନିଯୁକ୍ତି ହେଉନଥିବାରୁ ଓ ବର୍ତ୍ତମାନର ଶିକ୍ଷକମାନେ ଆଉ କିଛି ଦିନ ଭିତରେ ଅବସର ନେବାକୁ ଥିବାରୁ ସେମାନଙ୍କ ପାଠପଢା ଚାଲୁରଖିବା ପାଇଁ ସରକାର ସେହି ସ୍କୁଲମାନଙ୍କରେ ଶିକ୍ଷକ ନିଯୁକ୍ତି ଦେବେକି?

----

## ଅନୁଦାନରୁ ବଂଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ

5239 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେଉଁ କେଉଁ ବିଦ୍ୟାଳୟ ପ୍ରତିଷ୍ଠାର ପାଂଚବର୍ଷ ପରେ ଅନୁଦାନରୁ ବଂଚିତ ହୋଇଛନ୍ତି, ସେହି ଅନୁଷ୍ଠାନକୁ ଅନୁଦାନ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଅଧ୍ୟାପକ ସମସ୍ୟା ଦୂର ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି

5240 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ମହାବିଦ୍ୟାଳୟମାନଙ୍କରେ ଅଧ୍ୟାପକ ସମସ୍ୟା ଦୂରିଭୂତ ପାଇଁ ଅତିଥି ଅଧ୍ୟାପକ ନିୟୋଜନ କରି ଶିକ୍ଷାଦାନ ସୁସଂହତ ନିମନ୍ତେ କଲେଜ ଅଧ୍ୟକ୍ଷମାନଙ୍କୁ କ୍ଷମତା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ବିଜେବି କଲେଜକୁ ଦିଆଯାଇଥିବା ଜମି

5241 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ବିଜେବି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କେତେ ଜମି ଆବଣ୍ଟନ କରାଯାଇଥିବାବେଳେ ତନ୍ମଧ୍ୟରୁ କେତେ ଜମି କେଉଁ ସଂସ୍ଥାକୁ ପ୍ରଦାନ କରାଯାଇଛି ଓ କେତେ ଜମି ଜବରଦଖଲ ହୋଇଛି, ମହାବିଦ୍ୟାଳୟକୁ ସଂପ୍ରସାରଣ କରିବା ପାଇଁ କେତେ ଜମିର ଆବଶ୍ୟକତା ଥିଲାବେଳେ ତାହା ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି?

----

## ଶିକ୍ଷାନୁଷ୍ଠାନ ଚତୁଃପାର୍ଶ୍ୱ ପ୍ରାଚୀର ନିର୍ମାଣ

5242 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟ, ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀର ଓ ଫାଟକ ନିର୍ମାଣ କରାଯାଇନାହିଁ ତାହାର ତାଲିକା ଦର୍ଶାଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଚତୁଃପାର୍ଶ୍ୱ ପ୍ରାଚୀର ଓ ଫାଟକ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ନିଯୁକ୍ତି ସୃଷ୍ଟି କରୁଥିବା କୋର୍ସକୁ ରେଗୁଲାର କୋର୍ସଭାବେ ଉପଲବ୍ଧ କରାଇବା

5243 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସଂପ୍ରତି ଯୁବଗୋଷ୍ଠୀଙ୍କ ନିମନ୍ତେ B.Ed ସମେତ ଜର୍ଣ୍ଣାଲିଷ୍ଟ, ବାୟୋ ଟେକ୍ନୋଲୋଜି ତଥା ଡାଟା ସାଇନ୍ସ ଭଳି ସହଜରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରି ପାରୁଥିବା ଭଳି କୋର୍ସଗୁଡିକ ଅଧ୍ୟୟନ ନିମନ୍ତେ ସରକାରୀ ମହାବିଦ୍ୟାଳୟଗୁଡିକରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଭାବେ ଉପଲବ୍ଧ, ଏହି କୋର୍ସ ପାଇଁ ବାର୍ଷିକ ଅନ୍ୟୁନ 20 ହଜାରରୁ ଆରମ୍ଭ କରି ୫0 ହଜାର ବା ତାଠୁ ଅଧିକ ଅର୍ଥ ଦେବାକୁ ପଡୁଛି, ଏଣୁ ସରକାରୀ ମହାବିଦ୍ୟାଳୟଗୁଡିକରେ ଏଭଳି ଚାହିଦା ଥିବା କୋର୍ସଗୁଡିକ ନିୟମିତ(regular) କୋର୍ସ ଭାବେ ଉପଲବ୍ଧ କରାଇବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବେକି, ଜାତୀୟ ଶିକ୍ଷା ନୀତି 2020 ରେ ଏହା ପାଇଁ କଣ ବ୍ୟବସ୍ଥା ରହିଛି ଜଣାଇବା ସହ ଜାତୀୟ ଶିକ୍ଷା ନୀତି 2020 ଆପଣାଇବା ଆଳରେ ମହାବିଦ୍ୟାଳୟଗୁଡିକୁ ସ୍ୱୟଂ ଚାଳନା ଭଳି କ୍ଷମତା ଦେବା ଏବଂ ଆବଶ୍ୟକସ୍ଥଳେ ଶିକ୍ଷାନୁଷ୍ଠାନଗୁଡିକ ଋଣ କରିବା ଭଳି ବ୍ୟବସ୍ଥାକୁ ମଧ୍ୟ ସରକାର ଆପଣାଇବା ସମର୍ଥନରେ ରହୁଛନ୍ତିକି, ମେଧାବୃତ୍ତି ଶିକ୍ଷାର୍ଥୀମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ହେଉଥିବାସ୍ଥଳେ ଶିକ୍ଷା କ୍ଷେତ୍ରରେ ଆର୍ଥିକ ତଥା ସାମାଜିକସ୍ତରରେ ପଛୁଆ ମେଧାବୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନକୁ ନିଶ୍ଚିତ କରାଇବା ନିମିତ୍ତ ସରକାର ଛାତ୍ରବୃତ୍ତି ଛଡା ଅନ୍ୟ କଣ ସବୁ ଯୋଜନା କରୁଛନ୍ତି ତାହାର ସମସ୍ତ ବିବରଣୀ ଉପସ୍ଥାପନ କରିବେକି?

----

## ସମସ୍ତ ଭତ୍ତାକୁ 3000 ଟଙ୍କା ପ୍ରଦାନ କରିବା

5244 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ)ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ କେତେ ଲୋକଙ୍କୁ ବର୍ଦ୍ଧିତ ଭତ୍ତା ୩500 ଟଙ୍କାହିସାବରେ କେଉଁ ଜିଲ୍ଲାରେ କେତେଜଣ କେଉଁ ବର୍ଗର ହିତାଧିକାରୀଙ୍କୁ ପ୍ରଦାନ କରାଗଲା ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେକି, ଏବଂ ଯୋଗ୍ୟ ବିବେଚିତ କେତେ ହିତାଧିକାରୀ 2ୟ ପର୍ଯ୍ୟାୟରେ କଟକ ଜିଲ୍ଲାରେ କେଉଁ ବ୍ଲକରୁ କେତେ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ୩500 ଟଙ୍କା ପାଇବା ପାଇଁ କେତୋଟି କେଉଁ ବର୍ଗର ଆବେଦନ କରିଛନ୍ତି ଏବଂ ସରକାର ଏହି ଭତ୍ତାଗୁଡିକୁ କେବେ ମଂଜୁରୀ କରିବେ ଜଣାଇବା ସହ ପ୍ରତ୍ୟେକ ହିତାଧିକାରୀଙ୍କ ବ୍ଲକୱାରୀ, ପଂଚାୟତୱାରୀ ନାମ ସହ କେଉଁ ବର୍ଗର ବୋଲି ଏକ ତାଲିକା ପ୍ରଦାନ କରିବେକି (ଖ)ଗତ ନିର୍ବାଚନରେ ଦେଇଥିବା ପ୍ରତିଶୃତି ଅନୁସାରେ ସମସ୍ତ ଭତ୍ତା ହିତାଧିକାରୀମାନଙ୍କୁ ୩000 ଟଙ୍କା ପ୍ରଦାନ କରିବା ନେଇ କେତେ ଦୂର ସଫଳତା ପ୍ରାପ୍ତ ହୋଇଛି, ଯଦି ହୋଇପାରିନାହିଁଏହା କେବେସୁଦ୍ଧା ପ୍ରଦାନ କରିବାର ସମ୍ଭାବନା ଅଛି ତାର ସମସ୍ତ ବିବରଣୀ ପ୍ରଦାନ କରିବେକି, ଯଦି ଏହି ଭତ୍ତା ପ୍ରଦାନ କରାଯାଏ ତେବେ କେଉଁ ଜିଲ୍ଲାରୁ କେତେ ଭତ୍ତା ହିତାଧିକାରୀ ଉପକୃତ ହେବେ ଏବଂ ଏଥିପାଇଁ ପ୍ରତିମାସରେ କେତେ ଆର୍ଥିକ ବ୍ୟୟ ବରାଦ ହେବ ତାର ଏକ ସ୍ୱଷ୍ଟୀକରଣ ପ୍ରଦାନ କରିବେ କି?

----

## ବୟୋଜ୍ୟେଷ୍ଠ ସମ୍ମାନର ପଦ୍ଧତିର ସ୍ୱଚ୍ଛତା

5245 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବୟୋଜ୍ୟେଷ୍ଠ ସମ୍ମାନରେ ବାଲେଶ୍ୱରରୁ ଗତ ଏକ ବର୍ଷ ମଧ୍ୟରେ କୌଣସି ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଛି କି; ଯଦି 'ହଁ' ତାଲିକା ପ୍ରଦାନ କରିବେ କି; (ଖ) ଏଥିପାଇଁ ଚୟନ ପଦ୍ଧତିରେ ସ୍ୱଚ୍ଛତା ରଖିବା ପାଇଁ କ'ଣ ପଦକ୍ଷେପ ନିଆଯାଉଛି ?

----

## ବାଲେଶ୍ୱର ଜିଲ୍ଲାର ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ

5246 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ ) ବାଲେଶ୍ୱର ଜିଲ୍ଲାର ଶିଳ୍ପ ପ୍ରତିଷ୍ଠା ପାଇଁ ଇଡ୍‌କୋ କୌଣସି ଜମି ଚିହ୍ନଟ ବା ଅଧିଗ୍ରହଣ କରିଛି କି ; (ଖ) ଯଦି ହଁ, କେଉଁ ମୌଜାରେ ମୋଟ କେତେ ଜମି କେଉଁ ଉଦ୍ଦେଶ୍ୟରେ ଏହା ଚିହ୍ନଟ ଓ ଅଧିଗ୍ରହଣ କରାଯାଇଛି ?

----

## ନୂତନ ଆବାସିକ ITI ସ୍ଥାପନ

5247 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ସଂଖ୍ୟାଲଘୁ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାର କେତୋଟି ଜିଲ୍ଲାରେ କେତୋଟି ନୂତନ ଆବାସିକ ITI ସ୍ଥାପନ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ଓ ଘୋଷଣା କରିଛନ୍ତି, ଏହାଦ୍ୱାରା କେତେ ଛାତ୍ରଛାତ୍ରୀ ଉପକୃତ ହେବେ କେଉଁ କେଉଁ ଜାଗାରେ ଏହିଭଳି କେନ୍ଦ୍ର ସରକାରଙ୍କ ବହୁକ୍ଷେତ୍ରୀୟ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ଏହିଭଳି କାର୍ଯ୍ୟ ଓଡ଼ିଶାର ଚାଲୁଛି, ଏବଂ (ଖ) ରାଜ୍ୟ ସରକାର ST/SC ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ଉନ୍ନତି ଆଣିବାପାଇଁ ଯେଉଁ ଅନ୍ୱେଷା ଯୋଜନା କରିଛନ୍ତି ତା'ର ବିସ୍ତୃତ ବିବରଣୀ ସହ କେତେ ଛାତ୍ରଛାତ୍ରୀ ପ୍ରତିବର୍ଷ ଉପକୃତ ହେବେ ଓ କେତେ ଖର୍ଚ୍ଚ ହେବ?

----

**SC & ST ଛାତ୍ର /ଛାତ୍ରୀମାନଙ୍କ ପାଠପଢ଼ା ନିମନ୍ତେ Stipend ଦେବା**

5248 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ କେତେ ସଂଖ୍ୟକ SC & ST Category ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ତାଙ୍କର ପାଠପଢ଼ା ନିମନ୍ତେ Stipend ବାବଦକୁ କେତେ ଟଙ୍କା ଖର୍ଚ୍ଚ ହେଉଛି ;ଏହାର ଏକ ସ୍କୁଲୱାରୀ ବିବରଣୀ ଦେବେ କି ?

----

**ଆବେଦନ କରି ଅପେକ୍ଷାରେ ଥିବା ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ**

5249 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି ବିଭିନ୍ନ ଭତ୍ତା ନିମନ୍ତେ ସମସ୍ତ ବର୍ଗର କେତେ ସଂଖ୍ୟାର ବ୍ୟକ୍ତି ଆବେଦନ କରିଛନ୍ତି ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ରାଉରକେଲା ନିର୍ବାଚନ ମଣ୍ଡଳୀରୁ ସମସ୍ତ ବର୍ଗର କେତେ ବ୍ୟକ୍ତି କେଉଁ କେଉଁ ଭତ୍ତା ନିମନ୍ତେ ଆବେଦନ କରିଛନ୍ତି, ତାର ଏକ ତାଲିକା ପ୍ରଦାନ କରିବେ କି ଏବଂ ବାକି ପଡ଼ିଥିବା ସମସ୍ତ ଆବେଦନ ଫର୍ମ କେବେସୁଦ୍ଧା ଅନୁମୋଦିତ ହୋଇ ଭତ୍ତା ପ୍ରଦାନ କରାଯିବ ?

----

**ରାଉରକେଲାଠାରେ ଅନୁଷ୍ଠିତ ହୋଇଥିବା World Cup Village ମେ ଫେୟାରକୁ ଦେବା**

5250 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ତା ୦୩ .୧୧.୨୦୧୩ ରିଖଠାରୁ ୱାର୍ଲ୍ଡ କପ ଭିଲେଜ ରାଉରକେଲାକୁ ମେସର୍ସ ମେ ଫେୟାର ହୋଟେଲ ଆଣ୍ଡ ରିସର୍ଟ ପ୍ରାଇଭେଟ ଲିମିଟେଡ୍‌କୁ କେଉଁ ନିୟମ ଏବଂ ସର୍ତ୍ତ ( ଟର୍ମ ଆଣ୍ଡ କଣ୍ଡିସନ) ଅନୁଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି ତାର ତଥ୍ୟ ପ୍ରଦାନ କରିବେ କି ?

----

**SC/ST Reservation ଆଇନ ଅନୁଯାଇ ଚାକିରି ଦେବା**

5251 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ସରକାର SC/ST Reservation ଆଇନ ଅନୁସାରେ ସରକାରୀ ଚାକିରି ଦେବା କଥା କିନ୍ତୁ ରାଜ୍ୟରେ ସମୁଦାୟ ୪.୯୯ Lakhs ସରକାରୀ କର୍ମଚାରୀ ଥିବାବେଳେ ST Quota ଅନୁସାରେ 22.5 % Reservation ଅନୁଯାୟୀ କର୍ମଚାରୀ ରହିବା ନିୟମ ଥିବାବେଳେ ଅଛନ୍ତି 10.୭% ଓ SC ପାଇଁ 16.25 % Reservation ଅନୁସାରେ କର୍ମଚାରୀ ନାହାନ୍ତି ମାତ୍ର ୭.35% କର୍ମଚାରୀ ଅଛନ୍ତି; ରାଜ୍ୟ ସରକାର A Grade, B Grade , C. Grade କର୍ମଚାରୀମାନଙ୍କ କ୍ଷେତ୍ରରେ ମଧ୍ୟ 22.5 % ST or 16.25 % SCଲୋକ ନଥିବାରୁ ଏବଂ କେବଳ D Grade ପିଅନ ଓ ଡ୍ରାଇଭରମାନଙ୍କ କ୍ଷେତ୍ରରେ Reservation ନିୟମ ଲାଗୁକରି ST /SC ମାନଙ୍କ ପ୍ରତି ଅବହେଳା ଆଉ ନ କରିବାକୁ ପଦକ୍ଷେପ ନେବେ କି ?

----

## ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ ବାବଦରେ ଅର୍ଥ ଖର୍ଚ୍ଚ

5252 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ୧ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ବଣ୍ଟନ ପାଇଁ ପ୍ରତିବର୍ଷ କେତେ ଟଙ୍କା ଖର୍ଚ୍ଚ କରିଥାନ୍ତି ଓ ଏ ପୋଷାକ ସବୁ କେଉଁ କ୍ଲାସ ପିଲାଙ୍କ ପାଇଁ ମୁଣ୍ଡ ପିଛା କେତେ ଟଙ୍କା ଖର୍ଚ୍ଚ ହୋଇଥାଏ ;ସମୁଦାୟ ଖର୍ଚ୍ଚ ହୋଇଥିବା ଗତ ୩ ବର୍ଷର ରିପୋର୍ଟ ବର୍ଷୱାରୀ ଦେବା ସହ ସେହି ସବୁ କ୍ଲାସର ଛାତ୍ରଛାତ୍ରୀଙ୍କୁ କେତେ ଟଙ୍କାର ପାଠ୍ୟ ପୁସ୍ତକ କେଉଁ କ୍ଲାସ ପାଇଁ ମୁଣ୍ଡପିଛା କେତେ ଟଙ୍କା ଖର୍ଚ୍ଚ ହୋଇଛି; ସମୁଦାୟ କେତେ ଖର୍ଚ୍ଚ ହୋଇଛି ଗତ ୩ ବର୍ଷରେ ତାର ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି; ଅଧୁନା କେତୋଟି ଅଙ୍ଗନୱାଡ଼ି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସରେ ଚାଲିଛି ଓ ଆଗାମୀ ଦିନରେ ନୂତନ ଶିକ୍ଷାନୀତି ଆଧାରରେ ସମସ୍ତ ଶିଶୁ ବାଟିକା ୧ ରୁ ୩ କ୍ଲାସ ଯାଏ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ହେଲେ ଛାତ୍ରଛାତ୍ରୀ ସଂଖ୍ୟା ସମୁଦାୟ କେତେ ହେବ ଓ ସେଥିପାଇଁ କେତେ ନୂତନ ଶିକ୍ଷକ ଆବଶ୍ୟକ ?

----

## ମାଟ୍ରିକ ପରୀକ୍ଷାରେ ସ୍ୱଚ୍ଛତା ଆଣିବା

5253 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ମାଟ୍ରିକ ବୋର୍ଡ଼ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ବୋର୍ଡ଼ କର୍ତ୍ତୃପକ୍ଷ QR Code, Water Mark ଭଳି ବହୁ ପଦକ୍ଷେପ ନେଇଥିଲେ ସୁଦ୍ଧା ବିଜ୍ଞାନ C ସେଟ୍ ପ୍ରଶ୍ନରେ ୪ ମାର୍କ କୁଆଡ଼େ ଗଲା; ସେହିପରି ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟର କେତେ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ, କେତେ ଜଣ ପରୀକ୍ଷା ଦେଲେ କେତେ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଲେ, କେତେ ଜଣ MP ହେଲେ, କେତୋଟି କେନ୍ଦ୍ରରେ ପରୀକ୍ଷା ପରିଚାଳନା ହେଉଥିଲା ଓ ଖାତା ଦେଖିବା ପାଇଁ କେତେ ଜଣ ଶିକ୍ଷକ ଆବଶ୍ୟକ; ଜଣେ ଶିକ୍ଷକ ଦିନକୁ କେତେ ଖାତା ଦେଖିବ; ସରକାରଙ୍କର ବହୁ ସ୍କୁଲରେ ଗଣିତ, ଇଂରାଜୀ ଓ ବିଜ୍ଞାନ ଶିକ୍ଷକ ପଦ ଖାଲିଥିବାରୁ ଖେଳ ଶିକ୍ଷକ ଇତିହାସ, ସାହିତ୍ୟ ଶିକ୍ଷକ ମାନେ ଏସବୁ କ୍ଲାସରେ ପାଠ ପଢ଼ାଇବା ଚଳାଇଦେଉଥିଲେ ହେଲେ ଗଣିତ, ବିଜ୍ଞାନ ଓ ଇଂରାଜୀ ଖାତା କେଉଁମାନେ ଦେଖିବେ ?

----

## ସାମସ ପୋର୍ଟାଲରେ ପରିବର୍ତ୍ତନ

5254 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏହି ବିଭାଗକୁ ବୃତ୍ତି ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀମାନେ ଆୟ ଓ ବାସସ୍ଥାନର ପ୍ରମାଣ ପାଇଁ ସେମାନଙ୍କ ଅଭିଭାବକମାନଙ୍କର ଆୟକର ପ୍ରମାଣପତ୍ର ଓ ବିଦ୍ୟୁତ୍ ବିଲ୍, ଟେଲିଫୋନ୍ ବିଲ୍, ଆଦି ପ୍ରମାଣପତ୍ର ବଦଳରେ ସେମାନଙ୍କୁ ତହସିଲଦାରଙ୍କ ଠାରୁ ଆୟ ଓ ବାସସ୍ଥାନ ପ୍ରମାଣପତ୍ର ଆଣିବାକୁ କରାଯାଉଥିବା ବିଭାଗର ନଜରକୁ ଆସିଛି କି; ଯଦି ହଁ, ତେବେ ଅଭିଭାବକମାନେ ଦାଖଲ କରୁଥିବା ଆୟକର ପ୍ରମାଣପତ୍ରକୁ ଛାତ୍ରଛାତ୍ରୀମାନେ ଆୟକର ସାର୍ଟିଫିକେଟ ଭାବେ ଦାଖଲ କରିପାରିବେ କି; ଆବେଦନ ପାଇଁ ଥିବା ସାମସ୍ ପୋର୍ଟାଲରେ ଏ ନେଇ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବେ କି; ଯଦି ନାଁ, ତେବେ ସରକାର ଏ ଦିଗରେ ଦୃଷ୍ଟି ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା କରିବେ କି ?

----

## ବୃତ୍ତି ପାଇଁ ଆୟକର ପ୍ରମାଣପତ୍ର ଦାଖଲ

5255 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏହି ବିଭାଗକୁ ବୃତ୍ତି ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀମାନେ ଆୟ ଓ ବାସସ୍ଥାନର ପ୍ରମାଣ ପାଇଁ ସେମାନଙ୍କ ଅଭିଭାବକମାନଙ୍କର ଆୟକର ପ୍ରମାଣପତ୍ର ଓ ବିଦ୍ୟୁତ୍ ବିଲ୍, ଟେଲିଫୋନ୍ ବିଲ୍, ଆଦି ପ୍ରମାଣପତ୍ର ବଦଳରେ ସେମାନଙ୍କୁ ତହସିଲଦାରଙ୍କ ଠାରୁ ଆୟ ଓ ବାସସ୍ଥାନ ପ୍ରମାଣପତ୍ର ଆଣିବାକୁ ବାଧ୍ୟ କରାଯାଉଥିବା ବିଭାଗର ନଜରକୁ ଆସିଛି କି; ଯଦି ହଁ, ତେବେ ଅଭିଭାବକମାନେ ଦାଖଲ କରୁଥିବା ଆୟକର ପ୍ରମାଣପତ୍ରକୁ ଛାତ୍ରଛାତ୍ରୀମାନେ ଆୟକର ସାଟିଫିକେଟ ଭାବେ ଦାଖଲ କରିପାରିବେ କି; ଆବେଦନ ପାଇଁ ଥିବା ସାମସ୍ ପୋର୍ଟାଲରେ ଏ ନେଇ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବେ କି; ଯଦି ନାଁ, ତେବେ ସରକାର ଏ ଦିଗରେ ଦୃଷ୍ଟି ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା କରିବେ କି ?

----

## କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା

5256 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ପ୍ରସାର ନିମନ୍ତେ ସରକାରଙ୍କ ନିୟମ ଓ ଯୋଜନା କ'ଣ ଓ ଏଦିଗରେ କି ପଦକ୍ଷେପ ନିଆଯାଇଛି; ତା'ର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ଅନୁସୂଚିତ ଜନଜାତି ଅଧିନରେ ଥିବା ବିଦ୍ୟାଳୟ

5257 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତେଗୋଟି କେଉଁ କେଉଁ ବିଦ୍ୟାଳୟ ବିଭାଗ ଅଧିନରେ ପରିଚାଳିତ, ସେଥିରେ ସମୁଦାୟ ବିଦ୍ୟାଧ୍ୟାୟୀ ଓ ଅନ୍ତେବାସି ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ; ବିଗତ ଦୁଇବର୍ଷ ମଧ୍ୟରେ ସମୁଦାୟ Drop out ସଂଖ୍ୟା କେତେ ଓ ତାର କାରଣ କଣ ?

----

## ବିଦ୍ୟାଳୟ ଗୁଡିକୁ ଐତିହ୍ୟ ବିଦ୍ୟାଳୟ ଯୋଜନାରେ ବିକଶିତ କରିବା

5258 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସରକାରଙ୍କ ଘୋଷଣା ଅନୁଯାୟୀ ୧୦୦ ବର୍ଷରୁ ଅଧିକ ବିଦ୍ୟାଳୟ ଗୁଡିକୁ ଐତିହ୍ୟ ବିଦ୍ୟାଳୟ ଯୋଜନାରେ ବିକଶିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିରେ କେତେ ଅର୍ଥ ବ୍ୟୟରେ କଣ କାର୍ଯ୍ୟ ସମ୍ପାଦନ କରାଯିବ ଓଡ଼ିଶାରେ ଜିଲ୍ଲା ୱାରୀ କେଉଁ ସ୍କୁଲ ଏଥିରେ ଅନ୍ତର୍ଭୁକ୍ତ ଏବଂ କେତେ ଅର୍ଥ ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରାଯିବ, ସରକାର କେବେଳ ଉଚ୍ଚ ବିଦ୍ୟାଳୟକୁ ଉକ୍ତ ଯୋଜନାରେ ସାମିଲ କରିବେ ନା UP/ME କୁ ମଧ୍ୟ ସାମିଲ କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି, (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ସ୍କୁଲ ବ୍ୟତୀତ ଅନ୍ୟ ସ୍କୁଲ ଏଥିରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି କି ?

----

## ପୁରାତନ ବିଦ୍ୟାଳୟକୁ ସରକାରୀ ମାନ୍ୟତା

5259 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାର କେଉଁ କେଉଁ ପୁରାତନ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ ସ୍ୱୀକୃତି ପ୍ରଦାନ କରିବାକୁ ପ୍ରସ୍ତାବ ରଖିଛନ୍ତି, (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରାଡିହା ପଂଚାୟତର କୋଇଲିସାହି ଠାରେ ଏକମାତ୍ର ଉଚ୍ଚ ବିଦ୍ୟାଳୟ ଦୈତାରି ହାଇସ୍କୁଲକୁ ସରକାରୀ ସ୍ୱୀକୃତି ପାଇଁ ପୂର୍ବରୁ ବାରମ୍ବାର ସରକାରୀ ସ୍ତରରେ ଦାବି ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ସତ୍ୟ କି, ତେଣୁ ସରକାର ପଂଚାୟତର ଏକମାତ୍ର ଉଚ୍ଚ ବିଦ୍ୟାଳୟ ଦୈତାରି ହାଇସ୍କୁଲକୁ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଚୌଦ୍ୱାର-କଟକରେ ବିଦ୍ୟାଳୟର ତାଲିକା

5260 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଥିବା କେଉଁ ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ସହ ଅନ୍ୟ ଶିକ୍ଷକ କର୍ମଚାରୀ ପଦବୀ ଖାଲି ଅଛି, ତାହାର ବିଦ୍ୟାଳୟୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସର ବ୍ୟବସ୍ଥା

5261 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଭେନ୍ସା ବିଶ୍ୱବିଦ୍ୟାଳୟରେ କେତେ ଛାତ୍ର ଓ ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ତନ୍ମଧ୍ୟରୁ କେତେ ଜଣଙ୍କ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସ ବ୍ୟବସ୍ଥା ହୋଇଛି, ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସ ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଏଥି ପାଇଁ ସ୍ୱତନ୍ତ୍ରଭାବେ ବଜେଟ ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

5262 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ଓ ଚମ୍ପୁଆ ବ୍ଲକ, ଯୋଡ଼ା, ବଡ଼ବିଲ୍ ପୌରପାଳିକା ଓ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ କେତେଗୋଟି ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ଥିଲାବେଳେ ସେଠାରେ କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି, ଏହି ବିଦ୍ୟାଳୟ ପାଇଁ କେତେ ଶିକ୍ଷକଙ୍କ ଆବଶ୍ୟକତା ଥିଲାବେଳେ କେତେଗୋଟି କେଉଁ ବର୍ଗର ଶିକ୍ଷକ ପଦବୀ ଅନୁମୋଦିତ ହୋଇଛି, ଅନୁମୋଦିତ ପଦବୀରୁ କେତେ ପଦବୀ ଖାଲି ଅଛି ଓ କେତେଜଣ ନିୟୋଜିତ ଅଛନ୍ତି, ଶିକ୍ଷକ ପଦବୀ ପୂରଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ମହାବିଦ୍ୟାଳୟର ରଙ୍ଗ ବଦଳାଇବା କାର୍ଯ୍ୟ ସମ୍ପାଦନ ପାଇଁ ଅର୍ଥ ଖର୍ଚ୍ଚ

5263 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ରଙ୍ଗ ବଦଳାଇବା କାର୍ଯ୍ୟ ସମ୍ପାଦନ ପାଇଁ ଚଳିତ ବର୍ଷ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ଏହି କାର୍ଯ୍ୟ କାହା ମାଧ୍ୟମରେ ସମ୍ପାଦନ ହୋଇଛି, ଏହି ରଙ୍ଗ ବଦଳାଇବା କାର୍ଯ୍ୟ ସମ୍ପାଦନ ପାଇଁ କେବେ ଟେଣ୍ଡର ଆହ୍ୱାନ କରାଯାଇଥିଲା ଓ କେଉଁମାନେ ଟେଣ୍ଡର ପକାଇଥିଲେ ଓ କେଉଁ ଆଧାରରେ କେଉଁମାନଙ୍କୁ କିପରି ଚୟନ କରାଯାଇ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ଦାୟୀତ୍ୱ ଦିଆଯାଇଛି ?

----

## School ମାନଙ୍କରେ ଖେଳ ଶିକ୍ଷକ ନିଯୁକ୍ତି

5264 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କ୍ରୀଡାର ବିକାଶ ପାଇଁ ଗ୍ରାମାଞ୍ଚଳମାନଙ୍କରେ କ୍ରୀଡା ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି କରିବା ପାଇଁ ବିଶେଷ କରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପ୍ରତି School, ଗାଁ ମାନଙ୍କରେ ଭିତ୍ତିଭୂମି ଗଢିବା ସହ ପ୍ରତି School ମାନଙ୍କରେ ଖେଳ ଶିକ୍ଷକ ନିଯୁକ୍ତି କରି ଖେଳକୁଦ ପ୍ରତି ଛୋଟ ପିଲାମାନଙ୍କୁ ପ୍ରଶିକ୍ଷକ ଦେଇ ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଗୁରୁକୁଳ ସଂସ୍କୃତ ବିଦ୍ୟାଳୟକୁ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତା

5265 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାର ଚକାପାଦଠାରେ ଦିବଙ୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟରେ ୬ଷ୍ଠରୁ +୩ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କର୍ମକାଣ୍ଡ, ଯୋଗ, ବେଦ ଭଳି ବିଭିନ୍ନ ଭାରତୀୟ ସଂସ୍କୃତି ମୂଳକ ଶିକ୍ଷା ଦିଆଯାଉଅଛି, ତେବେ ଭିତ୍ତିଭୂମି, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଭାବ ଯୋଗୁଁ ଏହି ଅନୁଷ୍ଠାନଟି ରୁଗ୍ଣ ଅବସ୍ଥାକୁ ଆସିଯାଇଛି, ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ପ୍ରତିଷ୍ଠିତ ଏହି ଅନୁଷ୍ଠାନଟିର ଭିତ୍ତିଭୂମି ବିକାଶ କରିବା ସହ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ବଲାଙ୍ଗିର ଜିଲ୍ଲାରେ ଚାଲୁଥିବା ହୃଷିକେଶ ପ୍ରିୟବତୀ ଇନଫରମେସନ୍ ଆଣ୍ଡ ଟେକ୍ନୋଲୋଜି ନାମରେ କଲେଜ

5266 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗିର ଜିଲ୍ଲାର ସଇଁତଳା ବ୍ଲକର ସିଲେଟପଡାରେ ହୃଷିକେଶ ପ୍ରିୟବତୀ ଇନଫରମେସନ୍ ଆଣ୍ଡ ଟେକ୍ନୋଲୋଜି କଲେଜ ନାମରେ ଏକ +2 ଭୁତ କଲେଜ ଚାଲୁଥିବାର ଅଭିଯୋଗ ସରକାରଙ୍କଠାରେ କରାଯାଇଥିବା ସତ୍ୟ କି, ଯଦି ହଁ, ତେବେ ଏ ସଂକ୍ରାନ୍ତରେ ଅନୁସନ୍ଧାନ ପୂର୍ବକ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବନ୍ଦେ ଉତ୍କଳ ଜନନୀ ସଂଗୀତକୁ ଗାନ ପାଇଁ ନିୟମ

5267 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 'ବନ୍ଦେ ଉତ୍କଳ ଜନନୀ' ସଂଗୀତକୁ ରାଜ୍ୟ ସରକାର ରାଜ୍ୟ ସଂଗୀତର ମାନ୍ୟତା କେବେ ପ୍ରଦାନ କରିଥିଲେ ଓ ଏହି ସଂଗୀତ ଗାନ ପାଇଁ କି କି ନିୟମମାନ (SOP) କେବେ ନିର୍ଦ୍ଧାରଣ କରାଯାଇଛି ଏବଂ SOP ର ଅନୁପାଳନ ଉଲ୍ଲଘଂନ କଲେ କି କି ଦଣ୍ଡ ବିଧାନର ପ୍ରାବଧାନ ଅଛି ?

----

## ଶିକ୍ଷକ ସଂଘମାନଙ୍କ ଦାବୀପତ୍ର ପୂରଣ

5268 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଧ୍ୟମିକ ଶିକ୍ଷକ ସଂଘମାନଙ୍କ ତରଫରୁ ରାଜ୍ୟ ସରକାରଙ୍କୁ କୌଣସି ଦାବିପତ୍ର ସେମାନଙ୍କ ଚାକିରୀ ସଂକ୍ରାନ୍ତୀୟ ପ୍ରଦାନ କରିଛନ୍ତି କି, ଯଦି ହଁ, ସେଗୁଡିକ କଣ ଓ ତାହାର ପୂରଣ କ୍ଷେତ୍ରରେ କି କି ପଦକ୍ଷେପ ନିଆଯାଇଛି ?

----

## ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା DEO ମାନଙ୍କୁ ସ୍ଥାୟୀ ନିଯୁକ୍ତି

5269 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାର କେଉଁ କେଉଁ ବ୍ଲକରେ 5T ଦ୍ୱାରା ଡିଗ୍ରୀ ମହାବିଦ୍ୟାଳୟକୁ ଅନୁଦାନ ଅର୍ଥ ଶିକ୍ଷା ଅନୁଷ୍ଠାନର ଉନ୍ନତିକରଣ ପାଇଁ ପ୍ରଦାନ କରାଯାଇଥିଲା କେଉଁ କେଉଁ ଅନୁଷ୍ଠାନର ସମ୍ପୂର୍ଣ୍ଣ କାର୍ଯ୍ୟ ସରିଛି ଓ କେଉଁ ଅନୁଷ୍ଠାନର କାର୍ଯ୍ୟ ଅଧପନ୍ତରିଆ ଭାବେ ପଡି ରହିଛି, କେବେସୁଧା ଏହି କାର୍ଯ୍ୟ ସରିବ ସରକାର କଣ ପଦକ୍ଷେପ ନେଇଛନ୍ତି, ଖୋର୍ଦ୍ଧା ଜିଲ୍ଲାର ସମସ୍ତ 662 ବର୍ଗ ଡିଗ୍ରୀ ମହାବିଦ୍ୟାଳୟରେ ପରିଚାଳନା କମିଟିଦ୍ୱାରା ନିଯୁକ୍ତି ପାଇଥିବା Data Entry Operator (DEO) କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ରାଜ୍ୟରେ ଥିବା ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ବିଦ୍ୟାଳୟ

5270 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଉଚ୍ଚ ମାଧ୍ୟମିକ ସ୍କୁଲ (+2) ଏବଂ ମାଧ୍ୟମିକ ସ୍କୁଲ ରହିଛି, ତତମଧ୍ୟରୁ କେତୋଟି ଏଡେଡ୍ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ବିଦ୍ୟାଳୟ ରହିଛି, ସରକାର ଏଡେଡ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2) କୁ ସରକାରୀ ଏବଂ ଏଡେଡ୍ ମାଧ୍ୟମିକ ବିଦ୍ୟାଳୟକୁ ସରକାରୀ କରିବାର ଯୋଜନା ରଖିଛନ୍ତି, ଯଦି ଉତ୍ତର ହଁ ତେବେ କେଉଁ ଶିକ୍ଷା ବର୍ଷର ଏହା କାର୍ଯ୍ୟକାରୀ ହେବ, ଖୋର୍ଦ୍ଧା ଜିଲ୍ଲାର କେଉଁ କେଉଁ ମାଧ୍ୟମିକ ସ୍କୁଲରେ ସରକାର blind teacher posting କରାଯାଇଅଛି ?

----

## ନିଯୁକ୍ତି ମିଶନ ଆଭିମୁଖ୍ୟ

5271 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ନିଯୁକ୍ତି ମିଶନ କେଉଁ ଉଦ୍ଦେଶ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟକୁ ନେଇ କେବେ ଠାରୁ କାର୍ଯ୍ୟକ୍ଷମ କରାଯାଉଛି, ରାଜ୍ୟ ନିଯୁକ୍ତି ମିଶନରେ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇଛି ଓ କେଉଁ କେଉଁ ପଦବୀ କେବେ ଠାରୁ ଖାଲି ରହିଛି ତାହା କହିବା ସହ କେବେ ସୁଦ୍ଧା ଖାଲିଥିବା ପଦବୀ ପୁରଣ କରାଯିବ, (ଖ) ରାଜ୍ୟ ନିଯୁକ୍ତି ମିଶନ କାର୍ଯ୍ୟକ୍ଷମ ହେବା ବର୍ଷରୁ ଅଦ୍ୟାବଧି କେଉଁ କେଉଁ ବର୍ଷରେ କେତେଗୋଟି ନିଯୁକ୍ତି ମେଳା ଆୟୋଜନ କରି କେତେ ଜଣ ଯୁବକ ଯୁବତୀଙ୍କୁ କେତେଗୋଟି ସଂସ୍ଥାରେ ନିଯୁକ୍ତି ଦିଆଯାଇଛି ତାର ବର୍ଷ ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଗେଷ୍ଟ -ଫାକୁଏଲ୍ଟିଙ୍କ ଶିକ୍ଷାଦାନ

5272 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ 230ର 14.2.2025ରେ ପ୍ରଦର ଉତ୍ତର ଆଧାରରେ, ରାଜ୍ୟର 17% ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରପ୍ରାପ୍ତ ଅଧ୍ୟାପକଙ୍କ ମଧ୍ୟରୁ ମାତ୍ର 34.75% ଅର୍ଥାତ ୬୨୬ ଜଣ ନିୟମିତ ଟିଚିଂ ଷ୍ଟାଫ୍ (ପ୍ରଫେସର, ଆସୋସିଏଟସ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର), ଅପରପକ୍ଷରେ 4୪.0୪% ଅର୍ଥାତ ୭63 ଜଣ ଗେଷ୍ଟ-ଫାକୁଏଲ୍ଟି ଶିକ୍ଷାଦାନ କରୁଛନ୍ତି, ନିୟମିତ ପ୍ରଫେସରଙ୍କ ଅପେକ୍ଷା ଗେଷ୍ଟ-ଫାକ୍ୟୁଏଲ୍ଟିଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାର କାରଣ କଣ, ଖାଲି ପଡ଼ିଥିବା 17.17% ପଦ ପୂରଣ ସହିତ ଗେଷ୍ଟ-ଫାକୁଏଲ୍ଟି ବଦଳରେ ରେଗୁଲାର ଟିଚିଂ ଷ୍ଟାଫ୍ ନିଯୁକ୍ତି ଦିଗରେ ଗୁରୁତ୍ୱ ଦେବେ କି, ଯଦି ହଁ, କେବେ ସୁଦ୍ଧା ଏ ଦିଗରେ ପଦକ୍ଷେପ ନେବେ ?

----

## ଯାଜପୁର ଜିଲ୍ଲାରେ ଥିବା Dalmia Cement କାରଖାନା

5273 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲା ବୈରୀସ୍ଥିତ Dalmia Cement (OCL) Companyକୁ ଚୁକ୍ତିନାମା ଅନୁସାରେ କେତେ ଜମି ପ୍ରଦାନ କରା ଯାଇଅଛି, ଚୁକ୍ତିନାମା ବାହାରେ OCL ଜମି ଅଗ୍ରହଣ କରିଛି କି, ଯଦି ହଁ, ତେବେ କେତେ ଜମି ଅଧିଗ୍ରହଣ କରିଛି, କାରଖାନା ପ୍ରତିଷ୍ଠା ହେବା ଦ୍ୱାରା କେତେ ଜମି ମାଲିକ କ୍ଷତିଗ୍ରସ୍ଥ ହୋଇଛନ୍ତି, ସେମାନେ କେତେ ଟଙ୍କାର କ୍ଷତିପୂରଣ ପାଇଛନ୍ତି, କାରଖାନାରେ କେତେ ସ୍ଥାନୀୟ ଲୋକ ମାନଙ୍କୁ ଓ କେଉଁ ପଦରେ ନିଯୁକ୍ତି ମିଳିଛି ?

----

## Govt. ଏବଂ Aided College ରେ ଖାଲିଥିବା ପଦବୀ ପୂରଣ

5274 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ଥିବା Govt. College ଏବଂ Govt. Aided College ରେ କେତେ ସଂଖ୍ୟକ କେଉଁ କେଉଁ ପଦବୀ କେବେ ଠାରୁ ଖାଲିପଡିଛି, ତାର ତାଲିକା ଦେବା ସହ ୨୦୦୦ - ୨୦୨୪ ଭିତରେ କେତେ ପଦବୀ ପୂରଣ ହୋଇଥିଲା ଏବଂ ଖାଲିଥିବା ପଦବୀ ଗୁଡିକ କେବେ ସୁଦ୍ଧା ପୂରଣ ହେବ ?

----

## ମହାବିଦ୍ୟାଳୟରେ କାର୍ଯ୍ୟରତ ଓ ଚୁକ୍ତି ଭିତ୍ତିକ ଅଧ୍ୟାପକ

5275 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଭିନ୍ନ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ଦୀର୍ଘଦିନ ଧରି ୧୦ ରୁ ୨୦ ବର୍ଷ କାର୍ଯ୍ୟ କରୁଥିବା ଚୁକ୍ତି ଭିତ୍ତିକ ଅଧ୍ୟାପକ /ଅଧ୍ୟାପିକା ମାନଙ୍କର ସଂଖ୍ୟା କେତେ, ଏମାନଙ୍କ ବୃତ୍ତିଗତ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ପାଇଁ କିଛି ବ୍ୟବସ୍ଥା ଅଛି କି, ରାଜ୍ୟର ବୈଷୟିକ ବିଶ୍ୱବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଅତିଥି ଅଧ୍ୟାପକ ମାନଙ୍କର ସଂଖ୍ୟା କେତେ, ତନ୍ମଧ୍ୟରୁ କେତେ ସଂଖ୍ୟକ Out Sourcing ମାଧ୍ୟମରେ କାର୍ଯ୍ୟରତ, ଏହି ବ୍ୟବସ୍ଥାର ଉଚ୍ଛେଦ ପାଇଁ କି ପଦକ୍ଷେପ କରିଛନ୍ତି ?

----

## ST/SC/OBC ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସିଟ ସଂରକ୍ଷଣ ବ୍ୟବସ୍ଥା

5276 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବଲାଙ୍ଗିର ଜିଲ୍ଲାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପ୍ରଜ୍ଞା ବିହାର, ଏବଂ କେଉଁ କେଉଁ ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ତଥା ସରକାରୀ ଅନୁଦାନ ପ୍ରାପ୍ତ କଲେଜ ଗୁଡ଼ିକରେ କେତେ ସଂଖ୍ୟା ସିଟ୍ ବିଶିଷ୍ଟ କେଉଁ କେଉଁ ପାଠ୍ୟକ୍ରମରେ ସ୍ନାତକତ୍ତୋର (Post Graduate) ଶିକ୍ଷାଦାନ ଦିଆଯାଉଅଛି ଓ କେଉଁ ବିଭାଗରେ ବର୍ତ୍ତମାନ କେତେ ଜଣ ପ୍ରଫେସର୍ ଓ ରିଡର କାର୍ଯ୍ୟରତ ଅଛନ୍ତି, ଉକ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ସ୍ନାତକତ୍ତୋର ( Post Graduate ) ବିଭାଗ ରେ ST/SC/OBC, ଦିବ୍ୟାଙ୍ଗ ତଥା ଗରିବ ସୀମାରେଖାତଳେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ କେତେ ଗୋଟି ସିଟର ସଂରକ୍ଷଣ ବ୍ୟବସ୍ଥା ଅଛି, ତାହାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ?

----

## ବିଦେଶୀ ବିଶ୍ୱବିଦ୍ୟାଳୟ ଦେଶ ଭିତରେ ସ୍ଥାପନ

5277 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେଶର ବିଶିଷ୍ଟ ଶିଳ୍ପ ଗୃହ ଗୁଡିକ ଦେଶରେ ନିଜର ଘରୋଇ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିବା ଜାଣନ୍ତି କି, ଉତ୍ତର ହଁ, ହୋଇଥିଲେ ଅନୁରୂପ ପ୍ରତିଷ୍ଠାନ ସବୁ ଓଡିଶାରେ ସ୍ଥାପନ କରିବା ପାଇଁ ବିଚାର କରୁଛନ୍ତି କି, ଓ ଉତ୍ତର ହଁ ହୋଇଥିଲେ ଏ ଦିଗରେ କି ପ୍ରସ୍ତାବ ସବୁ ରହିଛି ଏବଂ କି ପଦକ୍ଷେପ ନିଆଯାଉଛି ?

----

## ଶିଳ୍ପ ସଂସ୍ଥା ଗୁଡିକର ଅଧିକ ନିଯୁକ୍ତି

5278 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ କେତୋଟି ଘରୋଇ ଶିଳ୍ପ ସଂସ୍ଥା ଚାଲୁଛି, ତନ୍ମଧ୍ୟରୁ କେତୋଟି ୨୦୧୪ ରୁ ଏଯାଏଁ ସ୍ଥାପିତ ହୋଇ ଉତ୍ପାଦନ ଆରମ୍ଭ କରିଛନ୍ତି ଏବଂ ସେ ସବୁରୁ କେତୋଟି ଚଳିତ ଆର୍ଥିକ ବର୍ଷରେ ଚାଲୁ ହୋଇଛି, ରାଜ୍ୟରେ ଚାଲୁଥିବା ଶିଳ୍ପ ସଂସ୍ଥା ଗୁଡିକରେ କେତେ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି ଏବଂ ସେମାନେ ରାଜ୍ୟରେ କାମ କରୁଥିବା ମୋଟ ଘରୋଇ କର୍ମଚାରୀ ଓ ଶ୍ରମିକଙ୍କର କେତେ ପ୍ରତିଶତ, ଉପରୋକ୍ତ କାମ କରୁଥିବା କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରୁ କେତେ ଜଣ ଓଡିଶାର ଓ ଓଡିଆ ଯୁବକ ଯୁବତୀଙ୍କୁ ରାଜ୍ୟର ଶିଳ୍ପ ଗୁଡିକରେ ଅଧିକ ନିଯୁକ୍ତି ଦେବା ଲାଗି କି ପଦକ୍ଷେପ ନେଉଛନ୍ତି ?

----

## ସଂଖ୍ୟାଲଘୁ ସମ୍ପ୍ରଦାୟ ମାନଙ୍କର ଶ୍ମଶାନ ଉନ୍ନତିକରଣ

5279 **ଶ୍ରୀ ମାଧବ ଧଡା (ସୋରୋ)ː**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଉନ୍ନତିକଳ୍ପେ ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା 150 ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବାର ବାସ କରୁଥିବା ସୋର ନିର୍ବାଚନ ମଣ୍ଡଳୀରେ ସୋର ବ୍ଲକ ଅନନ୍ତପୁର ଗ୍ରାମପଞ୍ଚାୟତର ବେଲପୂର୍ ବାହାନଗା ବ୍ଲକର ସାହସପୁରା, ସୋର ମ୍ୟୁନିସିପାଲଟି ର ୫ ନମ୍ବର ୱାର୍ଡ ଓ ୧୨ ନମ୍ବର ୱାର୍ଡରେ ଗୋଷ୍ଠୀ-ତଥା-ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, (ଖ) ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସୋର ନିର୍ବାଚନ ମଣ୍ଡଳୀରେ କେତେଗୋଟି ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଅଛି କେତେ ଅନୁଦାନ ପ୍ରାପ୍ତ ହୋଇଛି, କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସରିଛି କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ବାକି ରହିଅଛି ଗ୍ରାମପଞ୍ଚାୟତ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ଆଗାମୀ ବର୍ଷ କେଉଁ ଗ୍ରାମପଞ୍ଚାଯତ କୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ପ୍ରସ୍ତାବ ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ସୋର ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଶ୍ମଶାନର ଉନ୍ନତିକଳ୍ପେ ଅର୍ଥ ରାଶି ପ୍ରଦାନ କରିବେ କି ଏବଂ କେବେ ସୁଦ୍ଧା ଅର୍ଥ ମଞ୍ଜୁର କରି କାର୍ଯ୍ୟ ଆରମ୍ଭ କରିବେ ?

----

## ସୋରରେ BEO ପଦବୀ ପୂରଣ

5280 **ଶ୍ରୀ ମାଧବ ଧଡା (ସୋରୋ)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ସୋରରେ BEO ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ପଦବୀରେ ନୂଆ BEO ନିଯୁକ୍ତି ସକାଶେ ପଦକ୍ଷେପ ନେବାରେ ବିଳମ୍ବର କାରଣ କଣ, ଏବଂ କେବେ ସୁଦ୍ଧା ସୋରରେ BEO ପଦବୀ ପୂରଣ ହେବା ତାହା ସ୍ପଷ୍ଟ କରିବେ କି, (ଖ) ସୋର ନିର୍ବାଚନ ମଣ୍ଡଳୀରେ ଯେଉଁ ୨16 New Aided UP. School ସ୍କିମ ଅନ୍ତର୍ଗତ କେଉଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଆସନ୍ତା ୩୧,୦୩,୨୦୨୫ ରିଖ ସୁଦ୍ଧା ଅବସର ନେଉଛନ୍ତି ସେହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ କଣ, ଏବଂ ଏ ଦିଗରେ ବିଭାଗ କଣ ପଦକ୍ଷେପ ନେବାକୁ ପ୍ରସ୍ତାବ ରଖିଅଛି ସବିଶେଷ ତଥ୍ୟ ପ୍ରଦାନ କରିବ କି ?

----

## ପାରଦର୍ଶୀ ପୋର୍ଟାଲରେ ହୋଇଥିବା ଦୁର୍ନୀତି

5281 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପାରଦର୍ଶୀ ପୋର୍ଟାଲରେ ଦୁର୍ନୀତ ହୋଇଥିବା ସତ୍ୟ କି, ଯଦି 'ହଁ' ତେବେ ସରକାର କି ପଦକ୍ଷେପ ନେଇଛନ୍ତି, ଯଦି ଉତ୍ତର 'ନାଁ' ହୁଏ, ତେବେ କେଉଁ ଅଧାରରେ ସ୍ୱଷ୍ଟୀକରଣ ଦିଆଗଲା, ତାହା ଉଲ୍ଲେଖ କରିବେ କି ?

----

## OAV ରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ

5282 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜୁନ ୨୦୨୪ ପରେ ରାଜ୍ୟରେ କେତୋଟି ଓଡ଼ିଆ ଆଦର୍ଶ ବିଦ୍ୟାଳୟ ସଂଗଠନ(OAVS) କରିବା ପାଇଁ ନିଷ୍ପତ୍ତି ନିଆଯାଇଛି, ଏହାର ଜିଲ୍ଲା ୱାରୀ ତାଲିକା ପ୍ରଦାନ କିରିବେ କି, ବର୍ତ୍ତମାନ ରାଜ୍ୟରେ କେତୋଟି OAVS ଚାଲୁ ଅଛି, କେତେ ଛାତ୍ରଛାତ୍ରୀ ପଢୁଛନ୍ତି, ମଞ୍ଜୁରୀ ଶିକ୍ଷକ ପଦବୀ କେତେ, କେତେ ଶିକ୍ଷକ ନିଯୁକ୍ତି ଅଛନ୍ତି, ଖାଲିଥିବା ଶିକ୍ଷକ ପଦବୀ ନିଯୁକ୍ତି କେବେ ସୁଦ୍ଧା କରିବେ ?

----

## ଖାଲିଥିବା ST & SC ପଦବୀ ପୂରଣ

5283 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ବିଭିନ୍ନ ବିଭାଗରେ ପଦବୀ ଖାଲି ପଡିଛି, ସେ ସବୁ ଅଧିକାଂଶ ST ଏବଂ SC ସମ୍ପ୍ରଦାୟର ସରଂକ୍ଷିତ ପଦ ପଦବୀ, ଏ ପଦବୀକୁ ଖାଲି ରହିବାର କାରଣ କଣ, ଏ ବିଷୟରେ ସରକାର ଅବଗତ ଅଛନ୍ତି କି, କେଉଁ କାରଣରୁ ଆଦିବାସୀ (ST ) ଓ ତଫସିଲ ଭୁକ୍ତ ଜାତି (SC ) ର ପଦବୀ ପୂରଣ କରାଯାଉ ନାହିଁ, ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏ ସବୁ ପୂରଣ ପାଇଁ ପଦକ୍ଷେପ ନେବେ କି ?

----

## ନିଯୁକ୍ତି ପାଇଥିବା କଳା ଓ କ୍ରୀଡା ଶିକ୍ଷକ ମାନଙ୍କୁ ନିୟମିତ କରିବା

5284 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡା ଶିକ୍ଷକ ମାନଙ୍କର ସଂଖ୍ୟା କେତେ, ଏହି ଶିକ୍ଷକ ମାନେ କେଉଁ ମସିହା ଠାରୁ ନିଯୁକ୍ତି ପାଇଛନ୍ତି, ଏହି ଶିକ୍ଷକ ମାନଙ୍କୁ ନିୟମିତ କରିବା ନିମନ୍ତେ ସରକାର ଜାଣନ୍ତି କି, ଯଦି ଉତ୍ତର 'ହଁ' ହୁଏ, ତେବେ କେବେ ସୁଦ୍ଧା ଏହି ଶିକ୍ଷକ ମାନଙ୍କର ଚାକିରୀକୁ ନିୟମିତ କରାଯିବ ?

----

## Regularization Services of Project Managers

5285 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What steps are being taken for regularization of the services of the Project Managers and SMS in Agriculture/ Horticulture and small and marginal farmers (SM&B) working at various Integrated Tribal Development Agencies (ITDA in Odisha, who were appointed by the Odisha Tribal Development Society in 2013 ?

----

## Improvement of educational infrastructure

5286 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What steps is the government taking to address the persistent faculty gaps in prominent institutions like Utkal University, Berhampur University, and government colleges in tribal-dominated districts; (a) Which hinder the State's goal of inclusive, high-quality education under the National Education Policy(NEP) 2020; (b) How do these efforts align with initiatives like the "Skilled in Odisha" scheme to improve educational infrastructure and employability?

----

## ଋଣ ପାଇଥିବା ହିତାଧିକାରୀଙ୍କ ସଂଖ୍ୟା

5287 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଅନୁସୂଚୀତ ଜାତି ଅର୍ଥ ସମବାୟ ନିଗମ ତରଫରୁ ବିଗତ ତିନି ବର୍ଷରେ କଟକ ଜିଲ୍ଲାର କେଉଁ ବ୍ଲକରେ କେତେ ଜଣ ହିତାଧିକାରୀଙ୍କୁ ଆତ୍ମନିଯୁକ୍ତି ନିମନ୍ତେ କେତେ ଋଣ ପ୍ରଦାନ କରାଯାଇଛି?

----

## ଖେଳର ବିକାଶ ପାଇଁ ହୋଇଥିବା ଖର୍ଚ୍ଚ

5288 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କ୍ରିକେଟ ଓ ହକି ଖେଳର ପ୍ରୋତ୍ସାହନ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ଖର୍ଚ୍ଚ କରାଯାଇଥିବା ବେଳେ ଅନ୍ୟ କେଉଁ କେଉଁ ଖେଳର ବିକାଶ ପାଇଁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ତାହାର ତିନି ବର୍ଷର ଖେଳୱାରୀ ଖର୍ଚ୍ଚ ବିବରଣୀ ପ୍ରଦାନ ସହ ହକି ଓ କ୍ରିକେଟ ଭଳି ଅନ୍ୟ ଖେଳରେ କ୍ରୀଡାବିତମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା ନିମନ୍ତେ ଯୋଗ୍ୟ ବିବେଚିତ କରିବାକୁ କି ପଦକ୍ଷେପ ନିଆଯାଉଛି?

----

## ITT Choudwar ରେ ଭିତ୍ତିଭୂମିର ବିକାଶ

5289 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ବଜେଟରେ ଭୁବନାନନ୍ଦ ସ୍କୁଲ ଅଫ୍ ଇଂଜିନିୟରିଂ, ଶିଳ୍ପ ତାଲିମ ପ୍ରତିଷ୍ଠାନ, ମଧୁପାଟଣା, କଟକ ମଧୁସୂଦନ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଚୌଦ୍ୱାର, ITT Choudwar ର ଭିତ୍ତିଭୂମି ବିକାଶ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି?

----

## ସାହିତ୍ୟିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା

5290 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କବି, ସାହିତ୍ୟିକ, ନାଟ୍ୟକାର, ଔପନ୍ୟାସିକମାନଙ୍କୁ କଳାକାର ପେନସନ୍ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ଗାନ୍ଧିପଲ୍ଲୀ ଓ ନେହେରୁପଲ୍ଲୀର ପରିବାରକୁ ଜମି ପଟ୍ଟା ପ୍ରଦାନ

5291 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଗାନ୍ଧିପଲ୍ଲୀ ଓ ନେହେରୁପଲ୍ଲୀରେ କେତେ ପରିବାର ରହୁଛନ୍ତି ତାଙ୍କର ପରିବାରୱାରୀ ତାଲିକା ପ୍ରଦାନ ସହ ତନ୍ମଧ୍ୟରୁ କେଉଁମାନଙ୍କ ନାମରେ ଘରଡିହ ପଟ୍ଟା ନାହିଁ ଓ କେତେ ପରିବାରକୁ ବିଗତ ପାଞ୍ଚ ବର୍ଷରେ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି, ବକେୟାଥିବା ପରିବାରକୁ ଜମି ପଟ୍ଟା ପ୍ରଦାନ କରିବେ କି?

----

## ନିର୍ମାଣାଧିନ ଇସ୍ପାତ କାରଖାନାକୁ କାର୍ଯ୍ୟକ୍ଷମ

5292 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଠାରେ ନିର୍ମାଣାଧିନ ବୃହତ୍ତ ଇସ୍ପାତ କାରଖାନା କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ, ଏହାର ଉତ୍ପାଦନ ଶକ୍ତି କେତେ ଓ ଏହି କାରଖାନା ଉତ୍ପାଦନକ୍ଷମ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସମ୍ଭାବନା କେତେ ; ଏହି ଆର୍ସନେଲ-ମିତ୍ତଲ ଦ୍ୱାରା ନିର୍ମିତ ବୃହତ୍ତ ଇସ୍ପାତ କାରଖାନାର ଅଗ୍ରଗତି ସମ୍ପର୍କରେ ସରକାରଙ୍କ ତରଫରୁ କୌଣସି ସମୀକ୍ଷା କରାଯାଇଛି କି ; ଯଦି ହଁ, ତାର ବିଷଦ ବିବରଣୀ ଦେବେ କି?

----

## ମହାବିଦ୍ୟାଳୟର ଜମି ଜବରଦଖଲ

5293 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଜମି ଜବରଦଖଲରେ ଥିବା ଖବର ସତ୍ୟ କି ; ଯଦି ହଁ, ତେବେ କେଉଁ କେଉଁ ବ୍ୟକ୍ତି ବା ଅନୁଷ୍ଠାନ ମହାବିଦ୍ୟାଳୟର କେତେ କେତେ ପରିମାଣର ଜମି ଜବରଦଖଲ କରିଛନ୍ତି ତାରି ବିବରଣୀ ସହ ଏହି ଜବରଦଖଲ ଉଚ୍ଛେଦ ନିମନ୍ତେ ବର୍ତ୍ତମାନ ସୁଦ୍ଧା ମହାବିଦ୍ୟାଳୟ କର୍ତ୍ତୃପକ୍ଷ କି କି ପଦକ୍ଷେପ ନେଇଛନ୍ତି?

----

## ନୂତନ ପରିଚାଳନା କମିଟି ଗଠନ

5294 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା ପରିଷଦର ଅବଧି ଶେଷ ହୋଇଥିବା ସରକାର ଜାଣନ୍ତି କି ; ଯଦି ହଁ, ତେବେ ନୂତନ ଭାବେ ପରିଚାଳନା କମିଟି ଗଠନ ନିମନ୍ତେ କେବେ ପଦକ୍ଷେପ ନିଆଯିବ ; (ଖ) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ପରିଷଦ ଗଠନ ନିମନ୍ତେ ସରକାର କି ନୀତି ପ୍ରଣୟନ କରିଛନ୍ତି?

----

## ଛାତ୍ର, ଛାତ୍ରୀ, ଶିକ୍ଷକଙ୍କ ବିବରଣୀ

5295 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ବ୍ଲକ ଓ ମ୍ୟୁନିସିପାଲଟିରେ କେଉଁ କେଉଁ ସ୍ଥାନରେ କେଉଁ କେଉଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଛି ଓ ସେହି ବିଦ୍ୟାଳୟମାନଙ୍କରେ କେତେ କେତେ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି ଓ କେତେ କେତେ ଜଣ ଶିକ୍ଷକ ଅଛନ୍ତି ତାର ଏକ ବିଶେଷ ବିବରଣୀ ଦେବେ କି?

----

## ବୃହତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ଏମ୍ ଓ ୟୁ ସ୍ୱାକ୍ଷର

5296 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ଆର୍ସନେଲ ମିତ୍ତଲ କମ୍ପାନୀ ସହ କେଉଁ କେଉଁ ସ୍ଥାନରେ କେତେ କେତେ କ୍ଷମତା ସମ୍ପନ୍ନ ବୃହତ୍ତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ କେଉଁ କେଉଁ ତାରିଖରେ ଏମ୍ ଓ ୟୁ ସ୍ୱାକ୍ଷର କରିଛନ୍ତି ; (ଖ) ଏମ୍ ଓ ୟୁ ମୁତାବକ କେଉଁ କେଉଁ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କେଉଁ କେଉଁ ସ୍ଥାନରେ କି କି ଅଗ୍ରଗତି ହୋଇଛି?

----

## ବାଛନ୍ଦ ହୋଇଥିବା ଲୋକଙ୍କ ଶେଷକୃତ୍ୟ ସମ୍ପାଦନ

5297 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅସହାୟ, ଦରିଦ୍ର ଓ ଅଜଣା ବ୍ୟକ୍ତିଙ୍କ ସହ ସମାଜରୁ ବାଛନ୍ଦ ହୋଇ ଏକାକୀ ଜୀବନ ବିତାଉଥିବା ବ୍ୟକ୍ତିଙ୍କ ପରଲୋକ ପରେ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଧାର୍ମିକ ଆଧାରରେ ବିଧି ମୁତାବକ ଶେଷକୃତ୍ୟ ସମ୍ପାଦନ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଲଉଡି ଖେଳକୁ ପ୍ରୋତ୍ସାହନ

5298 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଲଉଡିକୁ ପ୍ରୋତ୍ସାହିତ କରିବାରେ ପଛଘୁଞ୍ଚା ଦେବାର କାରଣ କଣ, ଏଥିପାଇଁ ସରକାରଙ୍କ ଆନ୍ତରିକତାର ଅଭାବ ନା ବିଭାଗ ଓ ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ବିତସ୍ପୃହତା ଓ ଅସହିଷ୍ଣୁତା ଦାୟୀ ତାହାର ତଥ୍ୟ ପ୍ରଦାନ କରିବେ କି ; ଏବଂ (ଖ) ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି ଲଉଡି ଦଳକୁ ସରକାର ତାଲିକାଭୁକ୍ତ କରିଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି?

----

## ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅର୍ଥ ଅନୁଦାନ

5299 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ଦିବଂଗତ ସାହିତ୍ୟିକ, ନୃତ୍ୟଗୁରୁ, ସଂଗୀତଜ୍ଞ, କଳାକାର ଓ ବରପୁତ୍ରଙ୍କ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ କେଉଁ କେଉଁ ସଂସ୍ଥାକୁ ବିଗତ ତିନି ବର୍ଷରେ କେତେ ଅର୍ଥ ଅନୁଦାନ ଦିଆଯାଇଛି ଓ ସେହି ସଂସ୍ଥା ସଂସ୍କୃତି ବିଭାଗ ସମେତ ଅନ୍ୟ କେଉଁ ସଂସ୍ଥାରୁ କେତେ ଅର୍ଥ ଏହି କାର୍ଯ୍ୟ ସମ୍ପାଦନ ପାଇଁ ଆଣିଛନ୍ତି?

----

## ସଂଗ୍ରହାଳୟର ଦାୟିତ୍ୱ

5300 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟର କେଉଁ ଘରୋଇ ବ୍ୟବସାୟିକ ବୈଷୟିକ ଶିକ୍ଷାନୁଷ୍ଠାନରେ କେଉଁମାନଙ୍କୁ ଅଧ୍ୟାପକ ଓ କର୍ମଚାରୀ ଭାବେ କେବେଠାରୁ ନିୟୋଜନ କରାଯାଇ ସେମାନଙ୍କୁ କେତେ ବେତନ ଓ ଆନୁସଙ୍ଗିକ ସୁବିଧା, ଇଏସ୍‌ଆଇ, ଇପିଏଫ୍, ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରାଯାଇଛି?

----

## ଅଧ୍ୟାପକଙ୍କୁ ବେତନ ଓ ଆନୁସଙ୍ଗିକ ସୁବିଧା

5301 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ː**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟର କେଉଁ ଘରୋଇ ବ୍ୟବସାୟିକ ବୈଷୟିକ ଶିକ୍ଷାନୁଷ୍ଠାନରେ କେଉଁମାନଙ୍କୁ ଅଧ୍ୟାପକ ଓ କର୍ମଚାରୀ ଭାବେ କେବେଠାରୁ ନିୟୋଜନ କରାଯାଇ ସେମାନଙ୍କୁ କେତେ ବେତନ ଓ ଆନୁସଙ୍ଗିକ ସୁବିଧା, ଇଏସ୍‌ଆଇ, ଇପିଏଫ୍, ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରାଯାଇଛି?

----

## ପ୍ରେକ୍ଷାଳୟ ପ୍ରତିଷ୍ଠା

5302 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- କଳା, ସାହିତ୍ୟ ଓ ସଂସ୍କୃତିର ପୁଣ୍ୟକ୍ଷେତ୍ର ଜଟଣୀରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ପ୍ରତିଷ୍ଠା ସହ ଏଠାରେ କଳା, ସାହିତ୍ୟ, ସଂସ୍କୃତି ଓ ସଂଗୀତର ବିକାଶ ସାଧନ ସହ ଏ ଦିଗରେ କାର୍ଯ୍ୟ କରୁଥିବା ସଂଗଠନଗୁଡିକୁ ପ୍ରୋତ୍ସାହିତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବକେୟା ପ୍ରାପ୍ୟ ପ୍ରଦାନ

5303 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନିର୍ଦ୍ଦେଶିତ ହୋଇ କଳା ପ୍ରଦର୍ଶନ କରିଥିବା କେଉଁ କେଉଁ କଳାକାରଙ୍କ ୨୦୨୦, ୨୦୨୧, ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷର ପ୍ରାପ୍ୟ ସେମାନେ ପାଇପାରି ନାହାଁନ୍ତି, ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ତ୍ୱରାନ୍ୱିତ ପାଇଁ ସରକାର ପ୍ରତିଶୃତି ପ୍ରଦାନ କରିବେ କି, ଏବଂ (ଖ) ରାଜ୍ୟର ବିଭିନ୍ନ ଦୋଳମେଳଣ ଓ ଯାନିଯାତ୍ରାମାନଙ୍କରେ ଓଡ଼ିଶାର ଲୋକକଳା ପ୍ରଦର୍ଶନ କରି ଓଡ଼ିଆ ଅସ୍ମିତାକୁ ବିକଶିତ କରିବା ସହ ଲୋକ କଳାକାରମାନଙ୍କୁ କଳା ପରିବେଷଣ ମାଧ୍ୟମରେ ଆତ୍ମନିଯୁକ୍ତି ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟାର୍ଥୀଙ୍କୁ ସହାୟତା ପ୍ରଦାନ

5304 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ବୈଷୟିକ ଶିକ୍ଷାନୁଷ୍ଠାନରେ ବିଗତ ତିନି ବର୍ଷରେ କେତେଜଣ ବିଦ୍ୟାର୍ଥୀ ଅକାଳ ମୃତ୍ୟୁର ଶିକାର ହୋଇଛନ୍ତି, ସେମାନଙ୍କ ପରିବାରକୁ ଛାତ୍ରବୀମା ବାବଦରେ କେତେ ସହାୟତା ପ୍ରଦାନ କରାଯାଇଛି, ସମସ୍ତ ବୈଷୟିକ ଛାତ୍ରଛାତ୍ରୀମାନଙ୍କୁ ବାଧ୍ୟତାମୂଳକ ବୀମାଭୁକ୍ତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ

**5305 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ମୋଟ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେଜଣଙ୍କୁ ବୀମାଭୁକ୍ତ କରାଯାଇନାହିଁ, ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ସରକାର କି ପଦକ୍ଷେପ ନେଉଛନ୍ତି ଓ ଏହା କେବେଠାରୁ କାର୍ଯ୍ୟକାରୀ କରାଯିବ ?

----

## ବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ

**5306 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରାଥମିକ ସ୍ତରରୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ବୀମାଭୁକ୍ତ କରାଯାଇନାହିଁ, ସମସ୍ତ ବିଦ୍ୟାର୍ଥୀଙ୍କୁ ଅବିଳମ୍ବେ ବୀମାଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## Fund allocation

**5307 Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- **(a) How much fund has been allocated and spent from June 2024 till date for repainting school premises, Will the govt. provide district-wise details, How much fund has been allocated and spent on changing the uniform colour of school children, and what was the rationale behind this decision**?

----

## Implementation status of 'Bande Utkala Janani'

**5308 Smt. Sofia Firdous (Barabati-Cuttack):**

Will the Minister for **Odia Language, Literature & Culture** be pleased to state that:- **(a) What is the current implementation status of 'Bande Utkala Janani'**

**as the official state song of Odisha following the cabinet approval; (b) What measures have been taken to promote and ensure proper protocol for rendering the state song at government programmes, educational institutions, and cultural events ?**

----

## Single Window Clearance System

5309 **Smt. Sofia Firdous (Barabati-Cuttack):**

Will the Minister for **Industries** be pleased to state that:- The **(a) How many projects have been sanctioned under the Single Window Clearance System since 2020 till date, and what is the division-wise distribution of these projects; (b) What is the detailed timeline of each project from the signing of the MoU to the final approval, and how many days did the clearance take in each case; For which divisions and types of projects has the Single Window Clearance System been implemented, and how is inter-departmental coordination ensured for timely approvals?**

----

## Promotion of Women-led Business

5310 **Smt. Sofia Firdous (Barabati-Cuttack):**

Will the Minister for **Industries** be pleased to state that:- **(a) How many women entrepreneurs have applied for land under the Make in Odisha initiative, and what is the current status of their land allotment and project approvals; (b) how many of these applications have been approved, and how many are still pending, along with the reasons for the delay; What specific support and incentives have been extended by the government to promote and strengthen women-led businesses in the state ?**

----

## Transfer of Teachers

5311 **Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- (a) Why has the annual online transfer process for secondary teachers, mandated to begin in February and conclude by June as per Notification No.20136 dated 19/08/2023, not yet commenced for the year 2024; (b) What specific measures will the government take to expedite this delayed process;

How does the government plan to address the hardship faced by teachers currently posted at distances up to 500km from their homes who are awaiting transfers ?

----

## ଦିବ୍ୟାଙ୍ଗ ଯୋଜନାରେ ବ୍ୟୟ

5312 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦିବ୍ୟାଙ୍ଗ ନିମନ୍ତେ ଓଡ଼ିଶାରେ କେଉଁ-କେଉଁ ଜିଲ୍ଲାରେ କେଉଁ ପ୍ରକାର ସୁବିଧା ଉପଲବ୍ଧ ଅଛି, ଦିବ୍ୟାଙ୍ଗ ଲୋକଙ୍କ ପାଇଁ ବିଶେଷ ଶିକ୍ଷା କେନ୍ଦ୍ର, ସ୍କୁଲ୍, କଲେଜ୍, ମଲ୍ ଏବଂ ଅନ୍ୟାନ୍ୟ ସାର୍ବଜନିନ ସ୍ଥାନରେ କୌଣସି ନୂତନ ବ୍ୟବସ୍ଥା ହୋଇଛି କି; ଜିଲ୍ଲା ଅନୁସାରେ ଦିବ୍ୟାଙ୍ଗ ଲୋକଙ୍କ ସଂଖ୍ୟା ଏବଂ ତାଙ୍କର ମୁଖ୍ୟ ଚାଲେଞ୍ଜ କ'ଣ; ଏହି ତଥ୍ୟ ଏବଂ ବିବରଣୀ କେଉଁ ଭିନ୍ନ-ଭିନ୍ନ ଦିବ୍ୟାଙ୍ଗ ଶ୍ରେଣୀ ଅନୁଯାୟୀ ଉପସ୍ଥାପିତ କରିପାରିବ?

----

## SME ମାନଙ୍କୁ ସହାୟତା

5313 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଏପର୍ଯ୍ୟନ୍ତ Make in Odisha ଅଭିଯାନରେ କେତେ ବଡ଼ ଏବଂ ମଧ୍ୟମ ଉଦ୍ୟମ ଗଠିତ ହୋଇଛି, ଏହା ମାଧ୍ୟମରେ କେତେ ଟଙ୍କାର ବିନିଯୋଗ ଅଂଶୀଦାରୀ ହୋଇଛି ଏବଂ କେତେ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିଛି, ଏହି ଅଭିଯାନରେ ସ୍ଥାନୀୟ ଓଡ଼ିଆ ଉଦ୍ୟମୀ ଏବଂ ଏସଏମଇ (SME) ମାନଙ୍କୁ କିପରି ସହାୟତା ଦିଆଯାଇଛି, କେଉଁଠି Odia startup ଏବଂ ଏସଏଚଜି (SHG) ମାନଙ୍କୁ ଅଗ୍ରଗତି ଦେବାକୁ ଚିହ୍ନଟ କରାଯାଇଛି, ଉତ୍କର୍ଷ ଆଉଟ୍ରିଚ୍ ଏବଂ ବିନିଯୋଗ ସମେଳନ ପରେ ଜେତେ ବଡ଼ ଉଦ୍ୟମ ରାଜ୍ୟକୁ ଆସିଛି, ସେମାନଙ୍କର ନାମ,ଠିକଣା ଓ ବିନିଯୋଗ ଅର୍ଥ ସହିତ ଏକ ତାଲିକା ପ୍ରଦାନ କରିବେ କି, ଏହି ପ୍ରକଳ୍ପମାନଙ୍କର ଅବସ୍ଥା କ'ଣ , ଏବଂ ଏମାନେ ନିଜ ଶିଳ୍ପ ଅଞ୍ଚଳର ଅର୍ଥନୈତିକ ଉନ୍ନୟନ ପାଇଁ କିକି ବ୍ୟବସ୍ଥା କରିବେ ?

----

## କ୍ରୀଡା ପ୍ରଶିକ୍ଷଣ

5314 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ଓଡ଼ିଶାରେ ବ୍ଲକ୍ ଅନୁସାରେ କେତେଗୋଟି କ୍ରୀଡ଼ା ଅଞ୍ଚଳ, ଷ୍ଟାଡିୟମ, ଏକାଡେମୀ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଅଛି, ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ ସହ ଏହି ଅଞ୍ଚଳଗୁଡ଼ିକର କ୍ରୀଡାର ଅଗ୍ରଗତି ଅବସ୍ଥା କିପରି ଅଛି ଏବଂ ଆଉ କ'ଣ ସୁଧାର ଦରକାର, କେଉଁ ବ୍ଲକ୍‌ରେ କେଉଁ କ୍ରୀଡ଼ାରେ ଯୁବ ସମାଜର ସ୍ୱାର୍ଥ ଅଧିକ ରହିଛି, ବ୍ଲକ୍ ଅନୁସାରେ କ୍ରୀଡ଼ା କ୍ଷେତ୍ରରେ କୌଶଳ ଅନ୍ତର (Skill Gap) କ'ଣ, କେଉଁ ବ୍ଲକ୍‌ରେ କୌଣସି ବିଶେଷ କ୍ରୀଡ଼ାରେ ପ୍ରଶିକ୍ଷଣ ଏବଂ ସୁବିଧାର ଅଭାବ ରହିଛି, ଏହି କୌଶଳ ଅନ୍ତରକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛି, କ୍ରୀଡ଼ା ପାଇପାରିବା ଅବସର ବୃଦ୍ଧି କରିବା ଏବଂ ଯୁବ ସମାଜର ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ପାଇଁ କ'ଣ ଯୋଜନା ରହିଛି, ବର୍ତ୍ତମାନ କେଉଁ ନୂତନ କ୍ରୀଡ଼ା ଅବସର ଏବଂ ପ୍ରଶିକ୍ଷଣ ସୁବିଧା ନିର୍ମାଣ କରିବା ଯୋଜନା ଅଛି, କେଉଁ ଜିଲ୍ଲା ଏବଂ ବ୍ଲକ୍‌ରେ ନୂତନ ଷ୍ଟାଡିୟମ, ଇଣ୍ଡୋର ଏରିନା, କ୍ରୀଡ଼ା ଏକାଡେମୀ, ଆମ୍ଫିଥିଏଟର, ଇ-ସ୍ପୋର୍ଟସ୍ ଅଭ୍ୟାସ କେନ୍ଦ୍ର ଏବଂ ଅନ୍ୟାନ୍ୟ ଅବସର ସୃଷ୍ଟି କରିବା ପାଇଁ ଅନୁମୋଦନ ମିଳିଛି, ଓଡିଶାର କୌଣସି ବ୍ଲକ୍ ଏବଂ ଜିଲ୍ଲାରେ ନୂତନ କ୍ରୀଡ଼ା ନିତି ଏବଂ ବୃହତ ବିକାଶ ଯୋଜନା ରହିଛି କି ?

----

## ଆର୍ଥିକ ଅନୁଦାନ ବଣ୍ଟନ

5315 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୩ ବର୍ଷରେ Article 275(1) ଅନୁସାରେ ଓଡିଶା କେତେ ଅର୍ଥ ସାହାଯ୍ୟ ପାଇଛି ଏବଂ ଏହା ଜିଲ୍ଲା ମାନଙ୍କ ଅନୁଯାୟୀ କିପରି ବଣ୍ଟନ କରାଯାଇଛି, ଏହି ଅନୁଚ୍ଛେଦ ଅନୁସାରେ କେଉଁ ଜିଲ୍ଲା ସର୍ବାଧିକ ଏବଂ କମ ଅର୍ଥ ସାହାଯ୍ୟ ପାଇଛି, ଏହି ଅର୍ଥ ବ୍ୟୟ କରି ଜିଲ୍ଲା ଅନୁଯାୟୀ କେଉଁ କେଉଁ ନୂତନ ପ୍ରକଳ୍ପ ଅନୁସୂଚିତ ଜାତି ଏବଂ ଜନଜାତି ଅଞ୍ଚଳ ପାଇଁ ବିଶେଷ ଶିକ୍ଷା ଯୋଜନା, ଜଳ ସମ୍ପଦ ବିକାଶ, ରାସ୍ତା ଓ ଇନଫ୍ରାଷ୍ଟ୍ରକ୍ଚର ଆରମ୍ଭ ହୋଇଛି, ଜିଲ୍ଲା ଅନୁଯାୟୀ ଚଳିତ ଯୋଜନାମାନଙ୍କର ଅବସ୍ଥା କ'ଣ, କେଉଁ ଜିଲ୍ଲାରେ ଯୋଜନା ସଫଳ ହୋଇଛି ଏବଂ କେଉଁଠି ବ୍ୟବଧାନ ରହିଛି, ଏହି ଅଞ୍ଚଳଗୁଡିକର ବିକାଶ ଓ ନିଯୁକ୍ତି ସୃଷ୍ଟି ଉପରେ କେତେ ପରିମାଣ ଆସିଛି, କୌଣସି ନୂତନ ପ୍ରସ୍ତାବିତ ଯୋଜନା ରହିଛି କି, ଯେଉଁଥିରେ Article 275(1) ଅନୁସାରେ ଜିଲ୍ଲା ଅନୁଯାୟୀ ଅର୍ଥ ବଣ୍ଟନ କରିବାକୁ କେନ୍ଦ୍ର ସରକାରକୁ ଅନୁରୋଧ କରାଯାଇଛି, ଏବଂ କେଉଁ ନୂତନ ଅଞ୍ଚଳ ଏହି ଅର୍ଥସାହାଯ୍ୟରୁ ଲାଭାନ୍ୱିତ ହେବ?

----

## World Skill ଯୋଜନା

5316 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ ୩ ବର୍ଷରେ "World Skill" ରେ ଓଡ଼ିଶାର ପ୍ରଦର୍ଶନ କେମିତି ରହିଛି, ରାଜ୍ୟର କେଉଁ କେଉଁ ଜିଲ୍ଲା ଏବଂ କୌଶଳ ଏବଂ ବୈଷୟିକ ପ୍ରତିଯୋଗିତାରେ ଅନୁଭାଗ ନେଇଛି, ବିଗତ ୩ ବର୍ଷରେ "World Skill' ଯୋଜନା ନିମନ୍ତେ ରାଜ୍ୟରେ କେତେ ଖର୍ଚ୍ଚ ହୋଇଛି, କେଉଁ କେଉଁ ଜିଲ୍ଲା ଏହି ଯୋଜନାରେ ଅଧିକ ଲାଭ ଉଠାଇଛି, ବର୍ତ୍ତମା!ନ "World Skill" ଯୋଜନା ପାଇଁ ରାଜ୍ୟରେ କେଉଁ ନୂତନ ବଜେଟ୍ ଆବଣ୍ଟନ ହୋଇଛି, ଏହି ନୂତନ ବଜେଟରେ କେଉଁ କେଉଁ କୌଶଳ କେନ୍ଦ୍ର, ଟ୍ରେନିଂ ପ୍ରୋଗ୍ରାମ୍ ଏବଂ ଅନ୍ୟାନ୍ୟ ବିକାଶ ଯୋଜନା ଅନ୍ତର୍ଭୁକ୍ତ ହୋଇଛି, "World $kill" ଯୋଜନା ମାଧ୍ୟମରେ ଓଡ଼ିଶାରେ କେତେ ଶିକ୍ଷାର୍ଥୀ ବୈଷୟିକ ସ୍ତରରେ ଚାକିରି ଅବସର ପାଇଛନ୍ତି, ଏହା ଏକ ଜିଲ୍ଲା ଅନୁସାରେ ତଥ୍ୟ ସହ ଉପସ୍ଥାପନ କରିବେ କି, ଭବିଷ୍ୟତରେ "World Skill ଯୋଜନାକୁ ଆଉ ଅଧିକ ପ୍ରଭାବଶାଳୀ କରିବା ପାଇଁ କ'ଣ ନୂତନ ପଦକ୍ଷେପ ନିଆଯାଇଛି, କୌଣସି ନୂତନ ଟ୍ରେନିଂ ପ୍ରୋଗ୍ରାମ୍, ନୂତନ ଉପକରଣ କିମ୍ବା ଭିନ୍ନ ଧରଣର କୌଶଳ ଉପରେ ଧ୍ୟାନ ଦିଆଯାଉଛି କି ?

----

## ଦିବ୍ୟାଙ୍ଗଙ୍କ ପାଇଁ ଶିକ୍ଷା ଲାଭ

5317 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଦିବ୍ୟାଙ୍ଗ (ଅନ୍ଧ, ମୂକ, ବଧିର ମାନସିକ ଅନଗ୍ରସର) ବିଦ୍ୟାର୍ଥିଙ୍କ ଶିକ୍ଷା ଲାଭ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ହଷ୍ଟେଲ ବିଲଡିଂ ନିର୍ମାଣ

5318 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବିଭାଗ ତରଫରୁ କେତେ ଗୋଟି ସେବାଶ୍ରମ ରହିଛି, କଟକ ଜିଲ୍ଲାରେ କେତେ ଗୋଟି ସେବାଶ୍ରମ ରହିଛି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, କେଉଁ ନିର୍ବାଚନ ମଣ୍ଡଳୀରରେ କେତେଗୋଟି ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ରହିଛି କିନ୍ତୁ ହଷ୍ଟେଲ ବିଲଡିଂ ନାହିଁ ଏହାର ବିବରଣୀ ପ୍ରଦାନ କରିବେ କି ?

----

## "ଗ୍ରିନ୍ ପ୍ୟାସେଜ ଯୋଜନା" ରେ ଶିକ୍ଷା ପ୍ରଦାନ

5319 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଅନାଥ ତଥା ପୋଷ୍ୟ ଗରିବ ପିଲାଙ୍କୁ ମାଗଣାରେ ଉକ୍ତ ବିଭାଗଦ୍ୱାରା ପରୀକ୍ଷା ଫି, ହଷ୍ଟେଲ ଫି, ଟ୍ୟୁସନ ଫି, ଛାଡ କରି ଶିକ୍ଷା ପ୍ରଦାନ କରିଛନ୍ତି କି, "ଗ୍ରିନ୍ ପ୍ୟାସେଜ ଯୋଜନା" କେତେ ସଂଖ୍ୟକ ଅନାଥ ପିଲାଙ୍କୁ ଚିହ୍ନଟ କରି ଉକ୍ତ ଯୋଜନାରେ ସାମିଲ କରିଛନ୍ତି ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ଶିକ୍ଷା ବ୍ୟବସ୍ଥା ଯାଞ୍ଚ

5320 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପ୍ରଚଳନ ସହ ବିଦ୍ୟାର୍ଥୀଙ୍କ ମେଧାଶକ୍ତି ବୃଦ୍ଧି ପାଇଁ ସରକାରୀ ଅନୁଷ୍ଠାନ ସହିତ ଘରୋଇ ଅନୁଷ୍ଠାନରେ ଶିକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ନୈତିକ ଶିକ୍ଷା ପ୍ରଦାନ

5321 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଦ୍ୟାର୍ଥୀମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ନିମନ୍ତେ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଅର୍ଥ ପ୍ରଦାନ

5322 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର କେତେ ବିଭାଗ ଅଧିନରେ ଉନ୍ନୟନ ପରିଷଦ ଗଠନ କରିଥିଲେ ଓ ଏହି ପରିଷଦରେ କେଉଁ ମସିହାରେ କେଉଁ କେଉଁମାନଙ୍କୁ ଅଧ୍ୟକ୍ଷ ଓ ସଦସ୍ୟଭାବେ ନିଯୁକ୍ତ କରିଥିଲେ, ବର୍ତ୍ତମାନ ଏହି ପରିଷଦର ସ୍ଥିତି କଣ ରହିଛି ଏବଂ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଏହି ପରିଷଦକୁ କେତେ ଅର୍ଥ ଯୋଗାଇ ଦେଇଛନ୍ତି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେକି?

----

## ଯନ୍ତ୍ରୀ ନିଯୁକ୍ତି

5323 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଏହି ବିଭାଗ ଅଧିନରେ ଓପେପା କାର୍ଯ୍ୟ କରୁଥିବା ସମୟରେ କେତେ ସଂଖ୍ୟକ ଯନ୍ତ୍ରୀ ନିଯୁକ୍ତି ହୋଇଥିଲେ ଏବଂ ବର୍ତ୍ତମାନ ବିଭାଗ ଅଧିନରେ କେତେ ସଂଖ୍ୟକ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି, ଏହି ଯନ୍ତ୍ରୀମାନେ ବର୍ତ୍ତମାନ କି କି ପ୍ରକାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି, ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ଥିବା ଯନ୍ତ୍ରୀମାନଙ୍କ ନାମ, ପଦବୀ ଓ ସେମାନେ ପାଉଥିବା ସରକାରୀ ସୁବିଧାର ତାଲିକା ପ୍ରଦାନ କରିବେ କି?

----

## ବୟସ୍କ ଲୋକଙ୍କୁ ଚିକିତ୍ସା ପ୍ରଦାନ

5324 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବୃଦ୍ଧବୃଦ୍ଧାମାନଙ୍କୁ ସୁରକ୍ଷିତ ଭାବେ ସେବା ଯୋଗାଇ ଦେବା ପାଇଁ ରାଜ୍ୟରେ କେତୋଟି ଜେରିଆଟିକ୍ ୱାର୍ଡ କେଉଁ କେଉଁ ସ୍ଥାନରେ ରହିଛି, ଗତ 5 ବର୍ଷ ମଧ୍ୟରେ ଏଠାରେ କେତେ ସଂଖ୍ୟକ ବୟସ୍କ ଲୋକଙ୍କୁ ଚିକିତ୍ସା ସୁବିଧା ଓ ଆଶ୍ରୟ ପ୍ରଦାନ କରାଯାଇଛି, ଏହାର ଏକ ବର୍ଷୱାରୀ ଓ ଜେରିଆଟିକ୍ ୱାର୍ଡ ୱାରୀ ସୂଚନା ପ୍ରଦାନ କରିବେକି?

----

## ଟିକଟ ବିକ୍ରୀ

5325 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିକଟରେ କଟକର ବାରବାଟୀରେ ଅନୁଷ୍ଠିତ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ କେତେ ଟଙ୍କାର ଟିକଟ ବିକ୍ରୀ ହୋଇଥିଲା ଓ ଓଡିଶା ସରକାର କେତେ ଟଙ୍କାର ରାଜସ୍ୱ ପାଇଛନ୍ତି, ସୁରକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କ୍ରିକେଟ ବୋର୍ଡ ପକ୍ଷରୁ ଓଡିଶା ସରକାରଙ୍କୁ କେତେ ଟଙ୍କା ପ୍ରଦାନ କରାଯାଇଛି, ଏହି କ୍ରୀଡାର ଆୟୋଜନ ପାଇଁ ଓଡିଶା ସରକାର କେତେ ଅର୍ଥ ବ୍ୟୟ କରିଛନ୍ତି ଓଏହି ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି?

----

## ନାମ ଲେଖା ଫି

5326 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ସଂଖ୍ୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି ଓଏହିସବୁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆବେଦନ ଓ ନାମଲେଖା ପାଇଁ ଫି ଆଦାୟ ସଂକ୍ରାନ୍ତରେ ସରକାରଙ୍କର କୌଣସି ନିର୍ଦ୍ଦେଶନାମା ରହିଛି କି, ଯଦି ହଁ, ତେବେ ଏହାର ବିସ୍ତୃତ ସୂଚନା ପ୍ରଦାନ କରିବେକି, ରାଜଧାନୀରେ କେତୋଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି ଏବଂ ଏହିସବୁ ବିଦ୍ୟାଳୟ ଏଲକେଜି, ୟୁକେଜି ଓ ପ୍ରଥମ ଶ୍ରେଣୀରେ ନାମ ଲେଖା ଆବେଦନ ପାଇଁ ଜଣ ପିଛା କେତେ ଅର୍ଥ ନେଉଛନ୍ତି ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖା ସମୟରେ କେଉଁ ବିଦ୍ୟାଳୟ କେତେ ଅର୍ଥ ଆଦାୟ କରୁଛନ୍ତି?

----

## ଭିତ୍ତିଭୂମି ବିକାଶ

5327 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ 2024 2025 ଆର୍ଥିକ ବର୍ଷର କେନ୍ଦୁଝର ଜିଲ୍ଲାର କେଉଁ କେଉଁ Higher Secondary School କୁ କେଉଁ ବାବଦରେ କେତେ କେତେ ଅର୍ଥ ରାଶି ମଂଜୁର କରାଯାଇଛି, ଏଗୁଡିକ ମଧ୍ୟରୁ କେଉଁ ଅନୁଷ୍ଠାନଗୁଡିକୁ ଭିତ୍ତିଭୂମି ଉନ୍ନୟନ ପାଇଁ କେତେ ଅର୍ଥ ମଂଜୁର ହୋଇଛି, କେନ୍ଦୁଝର ଜିଲ୍ଲା, ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକର Rangapat Higher Secondary School, Salabeda Po-pandapada ର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ଥିବା ସରକାର ଜାଣନ୍ତି କି, ପିଲାମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ Library, Standard common room , toilet, ଖେଳପଡିଆ ଅଭାବରୁ ଗ୍ରାମାଞ୍ଚଳର ଏହି ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନ ରକ୍ଷା ହୋଇପାରୁନଥିବା ଦୃଷ୍ଟିରୁ ଏ ଅନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନେବେକି?

----

## ଅଧ୍ୟାପକ ପଦବୀ ପୂରଣ

5328 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସର୍ବବୃହତ୍ତମ ମହାବିଦ୍ୟାଳୟ ହିସାବରେ ଆନନ୍ଦପୁର ମହାବିଦ୍ୟାଳୟର ବିକାଶ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ଏହି ମହାବିଦ୍ୟାଳୟରେ ଖାଲିଥିବା ଅଧ୍ୟାପକ ପଦବୀ କେବେସୁଦ୍ଧା ପୂରଣ ହେବ ଏବଂ ଏହାକୁ ସରକାର ନିଜ ହାତକୁ ନେବା ସଙ୍ଗେ ସଙ୍ଗେ ଏ ମହାବିଦ୍ୟାଳୟକୁ କେବେ Autonomous Status ପ୍ରଦାନ କରାଯିବ?

----

## ପ୍ରତିମୂର୍ତ୍ତି ପ୍ରତିଷ୍ଠା

5329 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଏ ବିଭାଗ ତରଫରୁ କେଉଁ କେଉଁ ସ୍ଥାନରେ କେଉଁ କେଉଁ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି, ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ଯୋଗଦାନ ଥିବା ବ୍ୟକ୍ତି ବିଶେଷଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସରକାର ବିଚାର କରିବେ କି?

----

## Tribal Museum ପ୍ରତିଷ୍ଠା

5330 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଘଟଗାଁ ଠାରେ ଗୋଟିଏ Tribal Museum ଖୋଲିବା ନିଷ୍ପତ୍ତି ନେଇ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ସରିଥିବା ସତ୍ତ୍ୱେ ଏ ପ୍ରସ୍ତାବିତ Museum ଅଦ୍ୟାବଧି କାର୍ଯ୍ୟକ୍ଷମ ନହୋଇଥିବା ସରକାର ଅବଗତ ଅଛନ୍ତି କି, ଏ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ଜଣାଇବା ସଙ୍ଗେ ସଙ୍ଗେ କେବେସୁଦ୍ଧା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସଂପୂର୍ଣ୍ଣ କରାଇ ଜନସାଧାରଣଙ୍କ ପରିଦର୍ଶନ ନିମନ୍ତେ ଏହାକୁ ଖୋଲା କରିବେ?

----

## କ୍ରୀଡାର ବିକାଶ

5331 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ Model stadium ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି କି, ଉତ୍ତର ହଁ ହେଲେ ଏଥିପାଇଁ ସ୍ଥାନ ନିରୁପଣ ପାଇଁ criteria କଣ, କେନ୍ଦୁଝର ଜିଲ୍ଲାର ବିଭିନ୍ନ Block, NAC and Municipality ଆଦିରେ କେଉଁ କେଉଁ ସ୍ଥାନ ନିରୂପିତ ହୋଇଛି ତାର ଏକ ତାଲିକା ପ୍ରଦାନ କରିବେ କି ଏବଂ ଏଥିରେ ପ୍ରତ୍ୟେକଟି କେଉଁ କେଉଁ କ୍ଷେତ୍ରରେ କେତେ କେତେ ଅର୍ଥ ଓ ସର୍ବମୋଟ କେତେ ଅର୍ଥ ବ୍ୟୟ କରାଯିବ?

----

## Madhubabu Pension Yojana

5332 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many eligible persons with disabilities(PwDs) in Bhawanipatna are currently receiving disability pensions under the Madhubabu Pension Yojana and National Social Assistance Programme, what percentage of the total eligible PwDs in Bhawanipatna remain excluded from these pension schemes and what measures are being taken to ensure 100% coverage?

----

## Land right protection

5333 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Can the Government provide an update on the implementation of the Panchayats(Extension to the scheduled areas) Act in Kalahandi, how it benefiting tribal self-goverance and Land right protection?

----

## Employment under Mukta Yojana

5334 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many youths from Bhawanipatna have been employed under Mukhyamantri Karma Tatpara Abhiyan ( Mukta ) Yojana since its lunch?

----

## Allocation for ITI and Polytechnic Institution

**5335** **Shri Sagar Charan Das (Bhawanipatna):**

Will the Minister for **Skill Development & Technical Education** be pleased to state that:- What has been the total budget allocation for ITI and Polytechnic Institutions in Bhawanipatna over the last five years, will the Govt. provide a yearwise breakdown of funds sanctioned and utilised?

----

## Digitalization of Odia Manuscripts

**5336** **Shri Sagar Charan Das (Bhawanipatna):**

Will the Minister for **Odia Language, Literature & Culture** be pleased to state that:- How many ancient Odia Manuscripts and Historical Documents have been digitized in the last five years; What specific initiatives are being undertaken to preserve the heritage manuscripts from Kalahandi ?

----

## ବିଦ୍ୟାଳୟ ଗୁଡ଼ିକୁ ପୁନଃ ଖୋଲିବା ପାଇଁ ପ୍ରକ୍ରିୟା

**5337** **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ବିଗତ ସରକାର ସମୟରେ କେତେ ବିଦ୍ୟାଳୟ ବନ୍ଦ ହୋଇଥିଲା, ବିଦ୍ୟାଳୟ ଗୁଡିକୁ ପୁନଃ ଖୋଲିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଲେଣି କି ; (ଖ) ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ବିଦ୍ୟାଳୟକୁ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଆସିଛି ଓ ତାହାର କାର୍ଯ୍ୟ କିଏ କେଉଁ ନିୟମ ଅନୁଯାୟୀ କରୁଛି, ବିଦ୍ୟାଳୟ ୱାରି ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ମହାବିଦ୍ୟାଳୟର ଉନ୍ନୟନ ପାଇଁ ଅର୍ଥ ପ୍ରଦାନ

**5338** **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ଚଳିତ ଆର୍ଥିକ ବର୍ଷରେ ମହାବିଦ୍ୟାଳୟର ଉନ୍ନୟନ ପାଇଁ ବିଭାଗ ପକ୍ଷରୁ Autonomous, Govt ଓ Aided କଲେଜ ଗୁଡିକରେ କେଉଁ head ରେ କେତେ ଅର୍ଥ ପ୍ରଦାନ କରିବାକୁ ସ୍ଥିର ହୋଇଛି; ମହାବିଦ୍ୟାଳୟ ଗୁଡ଼ିକୁ ଉନ୍ନତିକରଣ ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ଅନୁମୋଦିତ ହୋଇଥିବା ସଂସ୍ଥା

5339 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱରରେ ନୂତନ ଶିଳ୍ପ ପାଇଁ ଅନୁମୋଦିତ ହୋଇଥିବା ସଂସ୍ଥାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଅଦ୍ୟାବଧି ଉକ୍ତ ସଂସ୍ଥା ଗୁଡିକର କାର୍ଯ୍ୟକାରୀତାର ବର୍ତ୍ତମାନର ସ୍ଥିତାବସ୍ଥା କଣ ; ପ୍ରସ୍ତାବିତ IOCL CGB ପ୍ଲାଣ୍ଟ ଓ RBI ପ୍ରକଳ୍ପର ଅଗ୍ରଗତି କଣ; କେବେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେବ କହିବେ କି ?

----

## ବର୍ଦ୍ଧିତ ଭତ୍ତା ମଞ୍ଜୁର

5340 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପ୍ରତି ମାସ ପଂଚାୟତ ସମିତି ଦ୍ୱାରା ଚିହ୍ନିତ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ବିଭାଗ ଠାରୁ ନୂତନ ବର୍ଦ୍ଧିତ ସଂଖ୍ୟାର ଆଦେଶ ସଂଗ୍ରହ କରି ତଦନୁସାରେ ବର୍ଦ୍ଧିତ ଭତ୍ତା ମଞ୍ଜୁର କରାଯିବାର ନିର୍ଦ୍ଦେଶ କୌଣସି ପତ୍ର ପଂଚାୟତ ସମିତି ମାନଙ୍କୁ ଦିଆଯାଇଛି କି ; (ଖ) ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଦ୍ୱାରା ଓ ତା ୦୪/୦୧/ ୨୦୨୫ ରିଖରେ ଜାରି ପତ୍ର ସଂଖ୍ୟା ୧୧୫ ଦ୍ୱାରା ଦିଆ ଯାଇଥିବା ମାତ୍ର ଦୁଇ ଦିନର ସ୍ୱଳ୍ପ ସମୟ ମଧ୍ୟରେ ବର୍ଦ୍ଧିତ ଭତ୍ତା ପାଇବାପାଇଁ ଥିବା ମୋଟ ଯୋଗ୍ୟ ହିତାଧିକାରୀ ମାନଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତଙ୍କ ତଥ୍ୟ ଦିଆଯାଇଥିବା ସାରଣୀରେ ସଂଗୃହିତ ହୋଇ ବର୍ଦ୍ଧିତ ଭତ୍ତା ମଞ୍ଜୁରିପ୍ରାପ୍ତ ହୋଇଛି, ଏଥିରୁ ବାଦ୍ ପଡ଼ିବା ହଜାର ହଜାର ଯୋଗ୍ୟ ହିତାଧିକାରୀଙ୍କୁ କେଉଁ ମାସ ଠାରୁ ମଞ୍ଜୁରିପ୍ରାପ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ?

----

## ପ୍ରୋତ୍ସାହନ ରାଶି ପ୍ରଦାନ

5341 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ଗତ ଆର୍ଥିକ ବର୍ଷ ୨୪/୨୫ ରେ ବାଲେଶ୍ୱର ସଦର ନିର୍ବାଚନରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀଙ୍କୁ ପାଠ ପଢା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ; ଚଳିତ ୨୫/୨୬ ବର୍ଷରେ ଏହାର ସୂଚୀ ପ୍ରସ୍ତୁତ ହୋଇଛି କି ; ତେବେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ କେତେ ଛାତ୍ର ଛାତ୍ରୀ ଚଳିତ ଥର ଏହି ଯୋଜନାରୁ ଉପକୃତ ହେବେ ?

----

## ପଛୁଆବର୍ଗଙ୍କ ପାଇଁ ହଷ୍ଟେଲର ଯୋଜନା

5342 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସନ୍ତା ଆର୍ଥିକ ବର୍ଷ ( 2025 - 26 ) ରେ କେବଳ ପଛୁଆବର୍ଗଙ୍କ ପାଇଁ କେତୋଟି ହଷ୍ଟେଲ କରିବାର ଯୋଜନା ରହିଛି; ଏହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଆଦିବାସୀ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା

5343 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାରା ରାଜ୍ୟରେ ଥିବା ଆଦିବାସୀ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ସ୍ୱାସ୍ଥ୍ୟ ଇତ୍ୟାଦି ତଦାରଖ କରିବା ପାଇଁ ଗତ ଜୁନ ୨୦୨୪ ପର ଠାରୁ କିଛି ନୂଆ ପଦକ୍ଷେପ ନିଆଯାଇଛି କି ; ଯଦି ହଁ, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

5344 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ରାଜଧାନୀର ଏକ ପ୍ରମୁଖ ସ୍ଥାନରେ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅଛି କି ; ଯଦି ଉତ୍ତର ହଁ ହୁଏ, କେବେ ସୁଦ୍ଧା ରାଜଧାନୀର କେଉଁ ସ୍ଥାନରେ ସ୍ଥାପନ କରାଯିବ ?

----

## କ୍ରିଡା ହଷ୍ଟେଲରେ ନିର୍ଯାତନା ଅଭିଯୋଗ

5345 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ଜୁନ ମାସ ପର ଠାରୁ ମାର୍ଚ୍ଚ ୧୦, ୨୦୨୫ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ କ୍ରିଡା ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଠାରୁ କେତେଗୋଟି ନିର୍ଯାତନା ଅଭିଯୋଗ ଆସିଛି, କେଉଁ କେଉଁ ପ୍ରକାର ନିର୍ଯାତନା ଏବଂ କାହା କାହା ବିରୋଧରେ ଆସିଛି, ସେଥି ମଧ୍ୟରୁ କେତୋଟି ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି ଏବଂ କାହା କାହା ବିରୁଦ୍ଧରେ ହୋଇଛି, ଏହାକୁ ରୋକିବା ପାଇଁ ରାଜ୍ୟ ସରକାର କ'ଣ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## Pay and Play Facility ରୁ ଆୟ

5346 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରୁ Pay and Play Facility ରୁ ବିଗତ ଦୁଇ ବର୍ଷରେ କେତେ ଆୟ ହୋଇଛି ଏବଂ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଏଥିରେ କ'ଣ କ'ଣ ନୂଆ କ୍ରୀଡା ଯୋଡିବାର ବ୍ୟବସ୍ଥା କରାଯାଇଛି କି ?

----

## ବ୍ୟାୟାମ ଶାଳାରେ ନୂଆ ସରଞ୍ଜାମ ମଞ୍ଜୁର

5347 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅଧିନସ୍ଥ (KHUARD) ଖୁଆଡ଼ ଯୁବ ଭାରତୀ କ୍ରୀଡ଼ାଙ୍ଗନ ମଧ୍ୟରେ ଥିବା ମୁକ୍ତାକାଶ ବ୍ୟାୟାମ ଶାଳାରେ ଆବଶ୍ୟକ ହେଉଥିବା ତାଲିମ ସରଞ୍ଜାମ(Instruments) ଅଧିକ ଆବଶ୍ୟକ ହେଉଥିଲାବେଳେ ଏହାକୁ ଅନୁଧ୍ୟାନ ପୂର୍ବକ ଆଉ ନୂଆ ସରଞ୍ଜାମ ମଞ୍ଜୁର ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ?

----

## ତଦନ୍ତ କରିବାକୁ DEO ଙ୍କୁ ନିର୍ଦ୍ଦେଶ

5348 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତାବ୍ଲକ ଅନ୍ତର୍ଗତ ପାଉଁଶକୁଳି ପ୍ରାଥମିକ ବିଦ୍ୟାଳୟ ( PAUNSAKULI) ପରିସର ମଧ୍ୟରେ ଥିବା ପୋଖରୀ ହୁଡ଼ାରୁ ମୋଟ କେତେ ଗଛ କଟାଯାଇ ଏବେ କେତେ ଗଛ ଅଛି, ସ୍ପଷ୍ଟ ଦିବାଲୋକରେ ଗଛ କଟା ଯାଉଥିବାବେଳେ ପ୍ରଧାନ ଶିକ୍ଷକ କଟାଯାଉଥିବା ସମୟରେ କଣ ପାଇଁ ବିରୋଧ ନକରି ସମର୍ଥନ କଲେ କିମ୍ବା କଟାଯାଉଥିଲାବେଳେ ନିଜେ ଏଥିରେ ସମ୍ପୃକ୍ତ ଥିଲେ ସେ ସମ୍ବନ୍ଧରେ ତଦନ୍ତ କରିବାକୁ ସରକାର DEO ଙ୍କୁ ନିର୍ଦ୍ଦେଶ ଦେବେ କି ଏବଂ ସତ୍ୟ ଉଦଘାଟିତ ହେଲେ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧର କ'ଣ ପଦକ୍ଷେପ ନିଆଯିବ ?

----

## ଛାତ୍ର ଛାତ୍ରୀଙ୍କ ସଂଖ୍ୟା

5349 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ତଥା ବୈଷୟିକ ଶିକ୍ଷା ଲାଭ କରୁଥିବା ପ୍ରତ୍ୟେକଟିର ଆଦିବାସୀ ଛାତ୍ର ଛାତ୍ରୀ ସଂଖ୍ୟା କେତେ, ସେମାନଙ୍କୁ ମଧ୍ୟରୁ କ୍ରୀଡ଼ା କ୍ଷେତ୍ରରେ କେତେଜଣ ଆଦିବାସୀ ଛାତ୍ର ଛାତ୍ରୀ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି, ଏଥିଲାଗି ସରକାର ସେମାନଙ୍କୁ କିପରି ପ୍ରୋତ୍ସାହନ ଦେଉଛନ୍ତି ଯାହାଦ୍ୱାରା ଅଧ୍ୟୟନ ସହିତ କ୍ରୀଡ଼ାରେ ସେମାନେ ଅଧିକ ଦକ୍ଷତା, ନୈପୁଣ୍ୟ ପ୍ରଦର୍ଶନରେ ଅଗ୍ରଗତି କରିବେ ?

----

## ନିଜସ୍ୱ ଭାଷା ସଂସ୍କୃତିକ୍ଷେତ୍ରରେ ଶିକ୍ଷାଦେବା

5350 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଧ୍ୟୟନରତ ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ ସକାଶେ ତାଙ୍କ ନିଜସ୍ୱ ଭାଷା ସଂସ୍କୃତି କ୍ଷେତ୍ରରେ ଶିକ୍ଷାଦେବା ସରକାରଙ୍କର ବିଶେଷ ବ୍ୟବସ୍ଥା ଓ ଯୋଜନା କଣ ?

----

## ସାନ୍ତାଳ ସମ୍ପ୍ରଦାୟ ଆଦିବାସୀଙ୍କ ସଂଖ୍ୟା

5351 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାନ୍ତାଳ ସମ୍ପ୍ରଦାୟ ଆଦିବାସୀଙ୍କ ସଂଖ୍ୟା କେତେ, ସେଥିରୁ ସ୍ୱାକ୍ଷରତା ସଂଖ୍ୟା ବର୍ତ୍ତମାନ କେତେ, ସେମାନଙ୍କ ଭାଷା ଅଲଚିକିର ସ୍ୱତନ୍ତ୍ର ଲିପି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବେଳେ ଏହି ଭାଷାରେ ଶିକ୍ଷାଦାନ ସକାଶେ ସରକାର ସ୍ୱତନ୍ତ୍ର ଦୃଷ୍ଟି କିପରି ଦେବେ ?

----

## ବୃଦ୍ଧାଶ୍ରମରେ ଥିବା ବୃଦ୍ଧ ଓ ବୃଦ୍ଧାଙ୍କ ତାଲିକା

5352 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବର୍ତ୍ତମାନ କେତୋଟି ବୃଦ୍ଧାଶ୍ରମରେ କେତେ ଜଣ ବୃଦ୍ଧ ଓ ବୃଦ୍ଧା ରହୁଛନ୍ତି ତାହାର ତାଲିକା ପ୍ରଦାନ କରିବେ କି; (ଖ) ସେମାନେ କାହିଁକି ବୃଦ୍ଧାଶ୍ରମରେ ରହୁଛନ୍ତି ସେ ନେଇ ସରକାର କୌଣସି ଅନୁଧ୍ୟାନ କରିଛନ୍ତି କି; ଏହି ସବୁ ବୃଦ୍ଧାଶ୍ରମରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ନିୟମିତ ପରୀକ୍ଷା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ପୂର୍ବତନ କ୍ରିଡ଼ାବିତଙ୍କୁ ପେନସନ୍ ପ୍ରଦାନ

5353 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବର୍ତ୍ତମାନ କେତେଜଣ ପୂର୍ବତନ କ୍ରୀଡାବିତକୁ ପେନସନ ପ୍ରଦାନ କରାଯାଉଛି ତାହାର ଏକ ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି; (ଖ) ଦିଆଯାଉଥିବା ପେନସନର ପରିମାଣ ବୃଦ୍ଧି ଓ ପେନସନ ଭୋକ୍ତା ଚୟନରେ ମାନଦଣ୍ଡ କୋହଳ ପାଇଁ ସରକାର ଚିନ୍ତା କରୁଛନ୍ତି କି; ସେମାନଂକର ଅଭିଜ୍ଞତାରୁ ନୂଆ କ୍ରୀଡାବିତ ସୃଷ୍ଟି କରିବା ପାଇଁ କୌଣସି ପ୍ରସ୍ତାବ ରହିଛି କି?

----

## ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ

5354 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱରରେ କେତୋଟି ସହାୟତା ପ୍ରାପ୍ତ ଓ ଅଣ ସହାୟତା ପ୍ରାପ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି; ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ଏହି ସବୁ ମହାବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମି ତଥା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଗତ ଏକ ବର୍ଷ ମଧ୍ୟରେ କଣ ସବୁ ପଦକ୍ଷେପ ନିଆଯାଇଛି?

----

## ସଂଖ୍ୟା ଲଘୁଙ୍କ ସୁରକ୍ଷା

5355 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବର୍ତ୍ତମାନ ମାତ୍ର ୬.୩୪ ପ୍ରତିଶତ ସଂଖ୍ୟାଲଘୁ ବସବାସ କରୁଛନ୍ତି; ସେମାନଂକର ସୁରକ୍ଷା ତଥା ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସଂଖ୍ୟାଲଘୁ କମିସନ ଗଠନ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧିନ ଅଛି କି; ଯଦି ହଁ, କେବେ ସୁଦ୍ଧା ଏହା ଗଠନ ହେବ?

----

## ସିନେମା ହଲ ନିର୍ମାଣ

5356 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଶିକ୍ଷ ବିଭାଗ ଅଧିନରେ ଆସୁଥିବା ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଗ୍ରାମାଂଚଳରେ ସିନେମା ହଲ ନିର୍ମାଣ ପାଇଁ କୌଣସି ଋଣ ପ୍ରଦାନ ପାଇଁ ଯୋଜନା ପ୍ରସ୍ତୁତ କରୁଛି କି; (ଖ) ଯଦି ହଁ, କେବେ ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ?

----

## ଅପଲୋଡ଼ ପ୍ରକ୍ରିୟାରେ ବିଳମ୍ବ

5357 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୨ ଜୁନ ୨୦୨୪ ଠାରୁ ଅଦ୍ୟାବଧି କେତେଗୋଟି ନିର୍ଦ୍ଦେଶନାମା, ସରକାରୀ ଆଦେଶ ଜାରି କରାଯାଇଛି ଏବଂ ତନ୍ମଧ୍ୟରୁ କେତେଗୋଟି ଆଦେଶ ବିଭାଗର ୱେବସାଇଟରେ ଅପଲୋଡ କରାଯାଇଛି ଏବଂ ଶେଷ କେଉଁ ତାରିଖରେ ତାହା ଅପଲୋଡ କରାଯାଇଛି ଜଣାଇବା ସହ ଏହି ଅପଲୋଡ ପ୍ରକ୍ରିୟାରେ ବିଭାଗ ତରଫରୁ ବିଳମ୍ବ ହେବାର କାରଣ କଣ ଜଣାଇବା ସହ ସମସ୍ତ ଆଦେଶନାମା ଗୁଡିକର ତଥ୍ୟ ପ୍ରଦାନ କରିବେ କି?

----

## Details of Support for Arts, Artists & Culture

5358 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Details of State support for our Arts, Artists and Culture as preservation of heritage in last five years including the current year; (b) Will the Government give details of Falk dances, Falk singers, tribal dancer, classical music performers yearwise covered in the state in last five years?

----

## ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ନିମନ୍ତେ ତାଲିମ ବ୍ୟବସ୍ଥା

5359 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସରକାର ପ୍ରତ୍ୟେକ ବିଦ୍ୟାଳୟରେ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାଦାନ ନିମନ୍ତେ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା କରିବା ପାଇଁ ଚଳିତ ବର୍ଷ ସହ ଦୁଇବର୍ଷ ହେଲା କି ପଦକ୍ଷେପ ସବୁ ନେଇଛନ୍ତି ତାହା ଜଣାଇବେ କି; ଚଳିତ ବର୍ଷର ତାଲିମ ଦେବା ପ୍ରୋଗ୍ରାମର ବିବରଣୀ ଦେବେ କି; (ଖ) ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ସହ ଦୁଇ ବର୍ଷରେ କେତେ ବଜେଟ ଅନୁଦାନର ପ୍ରାବଧାନ ଥିଲା ଓ ଅଛି ତାହା ଜଣାଇବା ସହ ଏହି ଆତ୍ମ୍ ରକ୍ଷା କୌଶଳ ଶିକ୍ଷାଦାନ ତାଲିମ ଦ୍ୱାରା କେଉଁ କେଉଁ ଜିଲ୍ଲାରେ କେତେ ଜଣ ବାଳିକା trained ଉପକୃତ ହୋଇଛନ୍ତି ତାର ଏକ ବର୍ଷୱାରୀ , ଜିଲ୍ଲାୱାରୀ ତାଲିକା ସହ ଜିଲ୍ଲାୱାରୀ ବ୍ୟୟ ହୋଇଥିବା ଅର୍ଥର ପରିସଂଖ୍ୟାନ ଦେବେ କି ଏବଂ ଆତ୍ମରକ୍ଷା କୌଶଳର ଶିକ୍ଷାଦାନ ପାଇଁ କେଉଁ ଜିଲ୍ଲାରେ କେଉଁ instructor ମାନେ ନିୟୋଜିତ ଅଛନ୍ତି ତାହା ଜଣାଇବେ କି?

----

## ନିଜ ନିଜ ମାତୃଭାଷାରେ ଶିକ୍ଷା ଦେବା ପାଇଁ ପଦକ୍ଷେପ

5360 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାର ପ୍ରାୟ ଏକ ଚତୁର୍ଥାଂଶ (୨୦୧୧ ଜନଗଣନା ଅନୁଯାୟୀ ୨୨.୮୫%) ଆଦିବାସୀ ଓ ଏମାନେ ୧୩ଟି ଆଦିମ ଜନଜାତି ଓ ୬୨ଟି ଆଦିବାସୀ ସଂପ୍ରଦାୟ ଦ୍ୱାରା ସ୍ୱୀକୃତି ପାଇ ଏମାନଙ୍କର ୭୪ ପ୍ରକାର ବୋଲିରେ କଥା ହେଉଥିବାରୁ ସେମାନଙ୍କ ଭାଷାକୁ ବିକଶିତ କରିବା ସହ ସେମାନଙ୍କ ପିଲାଙ୍କୁ ନିଜ ନିଜ ମାତୃଭାଷାରେ ଶିକ୍ଷାଦେବା ପାଇଁ ସରକାର କି ପଦକ୍ଷେପମାନ ନେଉଛନ୍ତି ତାହାର ସବିଶେଷ ବିବରଣୀ ସହ ଚଳିତ ବଜେଟ୍‌ରେ କେତେ ଅର୍ଥ ବିନିଯୋଗର ପ୍ରାବଧାନ କରୁଛନ୍ତି ତାହା ଜଣାଇବେ କି; (ଖ) ଜମି, ଜଙ୍ଗଲ ଉପରେ ଆଦିବାସୀମାନଙ୍କ ଅଧିକାରକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ ସହ ସେମାନଙ୍କ ଭାଷା, ସଂସ୍କୃତି ତଥା ସ୍ୱୟଂ ଶାସନର ଅଧିକାର ହାସଲ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ତାର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ଜାତୀୟ ଶିକ୍ଷାନୀତି-୨୦୨୦ର ସଫଳ ରୂପାୟନ

5361 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଗଣଶିକ୍ଷା ବିଭାଗ ଅଧୀନର ଏହା ସଫଳ ରୂପାୟନ ପାଇଁ କି କି ବ୍ୟବସ୍ଥା କରାଯାଇଛି, ଏହାଦ୍ୱାରା ଶିଶୁଠାରୁ ଆରମ୍ଭ ହୋଇ ମାଧ୍ୟମିକ ଛାତ୍ରଛାତ୍ରୀମାନେ କିପରି ସଫଳତାର ସହ ଏହି ଶିକ୍ଷା ଆରମ୍ଭ ହୋଇ ସଫଳତା ପାଇପାରିବେ, ସେଥିପାଇଁ ଆବଶ୍ୟକୀୟ ବିଦ୍ୟାଳୟ ଓ ଶିକ୍ଷାଦାନ ପଦ୍ଧତିରେ କି କି ପରିବର୍ତ୍ତନର ବ୍ୟବସ୍ଥା ରହିଛି, ଏଥିପାଇଁ ଶିକ୍ଷକମାନଙ୍କୁ ଉନ୍ନତ ମାନର ତାଲିମ୍ ନେବାପାଇଁ ବିଭାଗ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଏଥିରେ ବିଭାଗ ତରଫରୁ କେତେ ଅର୍ଥ ବ୍ୟୟ ବରାଦ କେଉଁ କେଉଁ କ୍ଷେତ୍ରରେ କରାଯିବ ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି; (ଖ) ଏହାଦ୍ୱାରା ଛାତ୍ରଛାତ୍ରୀ ଯେପରି ବେସରକାରୀ ସ୍କୁଲଗୁଡିକରୁ ମୁହଁ ଫେରାଇ ପୁନଶ୍ଚ ସରକାରୀ ବିଦ୍ୟାଳୟରେ ପଢ଼ିବାର ଆଗ୍ରହ ବଢ଼ିବ ସେଥିପାଇଁ କି କି ପଦକ୍ଷେପ ନିଆଯାଉଛି ?

----

## ଜାତୀୟ ଉତ୍ସବର ମାନ୍ୟତା ପ୍ରଦାନ

5362 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜିଲ୍ଲାର କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏକ ବିରାମ ମାଧ୍ୟମ ରୂପେ ଆଗକୁ ଆସିଥିବା ପରବକୁ ଜାତୀୟ ଉତ୍ସବର ମାନ୍ୟତା ଦେବେ କି ?

----

## ଷ୍ଟାର୍ଟ ଅପ୍ ଓଡ଼ିଶାର ସ୍ଥିତି

5363 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା G.O. ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିସ୍ (Apprentice) ପ୍ରୋତ୍ସାହନ ଯୋଜନା ଏବଂ ଜନଶିକ୍ଷଣ ସଂସ୍ଥାନ ଯୋଜନା ଗୁଡ଼ିକ Skill India କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ଓ ଏହାର ମୂଳ ଲକ୍ଷ୍ୟ ହେଉଛି ଢ଼ାଞ୍ଚାଗତ କୌଶଳ ବିକାଶ, ଚାକିରୀରେ ତାଲିମ୍ ଓ ଗୋଷ୍ଠୀ ଭିତ୍ତିକ ଶିକ୍ଷା ପ୍ରଦାନ କରି ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ଦେବା, ଓଡ଼ିଶାରେ ଏହି ଯୋଜନା ଗୁଡ଼ିକର କାର୍ଯ୍ୟକାରିତା କେମିତି ଚାଲିଛି ଓ କେତେ ପିଲା ଉପକୃତ ହେଲେଣି ?

----

## Industrial Park ପ୍ରତିଷ୍ଠା

5364 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Industrial Park କରିବା ପାଇଁ ଆବଶ୍ୟକ ପୁଞ୍ଜି ଖଟାଇବା ପାଇଁ ସରକାରଙ୍କ ସହ ମିଶି ଏକ ଉତ୍ତମ ପ୍ରୟାସ କରିବେ କି ?

----

## ଅନୁଦାନ ପରିମାଣ

5365 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- PM (USHA) ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ମ୍ୟାନେଜମେଣ୍ଟ ମନିଟରିଂ, evaluation & Research ପାଇଁ କେତେ ଟଙ୍କାର ଅନୁଦାନ ଦେଇଛନ୍ତି ?

----

## ନିଯୁକ୍ତି ମେଳା

5366 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ କିଛି ଆହରଣ, ଅଭିଜ୍ଞତା ଥିବା ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କ ହାତକୁ କାମ ଦେବା ପାଇଁ ଓ ଦାଦନ ଖଟୁଥିବା ଲୋକଙ୍କୁ କାମ ଦେବା ପାଇଁ କେତୋଟି ନିଯୁକ୍ତିମେଳା ଗତ ୫ ବର୍ଷରେ କରିଛନ୍ତି, କେଉଁ କେଉଁ ନିଯୁକ୍ତି ଦାତା ସଂସ୍ଥାକୁ ନିମନ୍ତ୍ରଣ କରିଛନ୍ତି କେତେ ଜଣଙ୍କୁ କେଉଁ କେଉଁ କ୍ଷେତ୍ରରେ ନିଯୁକ୍ତି ମିଳିଛି ଓ ସବୁଠାରୁ କେଉଁ sectorରେ ଅଧିକ ନିଯୁକ୍ତି ମିଳିଛି ?

----

## ପ୍ରଧାନଶିକ୍ଷକ, ଶିକ୍ଷକ ଓ କର୍ମଚାରୀଙ୍କ ଖାଲିଥିବା ପଦବୀ ସଂଖ୍ୟା

5367 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପୁରୀ ଜିଲ୍ଲାରେ ଥିବା କେଉଁ ବିଦ୍ୟାଳୟରେ କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ମଞ୍ଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କବାଡି ଖେଳକୁ ପ୍ରୋତ୍ସାହନ

5368 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଗ୍ରାମାଞ୍ଚଳରେ କବାଡି ଖେଳକୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ଯାନ୍ତ୍ରୀକ ମହାବିଦ୍ୟାଳୟ ପ୍ରତିଷ୍ଠା

5369 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପୁରୀ ଜିଲ୍ଲାରେ କୌଣସି ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟ ନଥିବା ପ୍ରତି ସରକାର ସଚେତନ କି, ଉତ୍ତର ହଁ ହେଲେ ଜିଲ୍ଲାର ସତ୍ୟବାଦୀଠାରେ ଏକ ଯାନ୍ତ୍ରୀକ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପୂଜ୍ୟପୂଜା ପରମ୍ପରାର ବିକାଶ

5370 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡିଆ ଅସ୍ମିତା ଆଧାରରେ ରାଜ୍ୟରେ ପୂଜ୍ୟପୂଜା ପରମ୍ପରା ବଜାୟ ରଖିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି ?

----

## ଓଡିଆ ଅସ୍ମିତାକୁ ବିକାଶ କରିବାକୁ ପଦକ୍ଷେପ

5371 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବରପୁତ୍ର ମାନଙ୍କ ସ୍ମୃତିରକ୍ଷା ସହ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଭକ୍ତିପୂର୍ଣ୍ଣ ପରିବେଶରେ ସମ୍ପାଦନ କରିବାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କେତେଦୂର ସକ୍ଷମ ହୋଇଛି, ତାହାର ୬ଜୁନ୍ ୨୦୨୪ ରୁ ଅଦ୍ୟାବଧି ବରପୁତ୍ରଓ୍ବାରୀ ପୂଜ୍ୟପୂଜା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହ ଏ ସମ୍ପର୍କରେ ବିଭାଗୀୟ ୱେବ୍‌ସାଇଟ୍ ଓ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଶିରୋନାମା ପ୍ରଦାନ କରିବେ କି, (ଖ) ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର କୋଣ ଅନୁକୋଣରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳୀଗୁଡ଼ିକ ଅତ୍ୟନ୍ତ ଅଶୋଭନୀୟ ପରିସ୍ଥିତିରେ ରହିଥିବା ଯୋଗୁଁ ଏହାର ଉପଯୁକ୍ତ ପରିପାଳନ ପାଇଁ କେଉଁ କେଉଁ ମାନ୍ୟବର ବିଧାୟକ କେତେ ତାରିଖରେ ଇମେଲ ଯୋଗେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ଏହି ପତ୍ର ପାଇ ତାହା ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## ଦୁର୍ନୀତି ହ୍ରାସ ପାଇଁ ପଦକ୍ଷେପ

5372 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ମସିହାରେ କେଉଁ କେଉଁ ସଂସ୍ଥା ଓ ବ୍ୟକ୍ତିବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସରକାରଙ୍କୁ ଆବେଦନ କରିଥିଲେ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସଚିବ ଓ ନିର୍ଦ୍ଦେଶାଳୟରୁ କେତେଗୋଟି ପ୍ରସ୍ତାବ ନଥିରେ ପେସ୍ କରିବାକୁ ଅନୁଦାନ ଉପବିଭାଗକୁ ସୁପାରିଶ ହୋଇ ଡାଏରୀ ହୋଇଥିଲା, ତନ୍ମଧ୍ୟରୁ କେତୋଟି କାଗଜ ନଥିରେ ଓ କେତୋଟି ଓସ୍ୱାସ୍ ମାଧ୍ୟମରେ ନଥିରେ ପେସ୍ ହୋଇଛି ଓ କେତୋଟିକୁ ପେସ୍ କରାଯାଇ ନାହିଁ, ଏଥିପାଇଁ ଉତ୍ତରଦାୟୀ କରାଯାଇ ସମସ୍ତ ପତ୍ରକୁ ଅବିଳମ୍ବେ ଟିମ୍ ସ୍ପିରିଟ୍‌ରେ ନଥିରେ ପେସ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିର୍ଦ୍ଦେଶାଳୟ ଶାଖା ବଦଳରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ଅନୁଦାନ ଓ ଗ୍ରୁପ୍ ମନୋନୟନ ବ୍ୟବସ୍ଥିତ କରି ବିଭାଗରୁ ଦୁର୍ନୀତି ହ୍ରାସ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## କଳା ମାଫିଆଙ୍କୁ ବିଲୋପ କରିବାକୁ ପଦକ୍ଷେପ

5373 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ଲୋକନୃତ୍ୟ କଳାକାରମାନେ ଦୟନୀୟ ସ୍ଥିତିରେ ଥିବାବେଳେ ସେମାନଙ୍କ ଲୋକକଳା ପ୍ରଦର୍ଶନ ପାଇଁ ବ୍ୟବସ୍ଥା କରି ସେମାନଙ୍କ ପରିବାର ପ୍ରତିପୋଷଣରେ ସରକାର ବିତୃଷ୍ଣା ପ୍ରକାଶ କରୁଥିବା ଓ ରାଜଧାନୀ ଭୁବନେଶ୍ୱର ସହ ପ୍ରମୁଖ ସହରର କଳା ଦଲାଲ୍ ମାନଙ୍କ ମାଧ୍ୟମରେ କୋଟି କୋଟି ଟଙ୍କା କାର୍ଯ୍ୟକ୍ରମ ସମ୍ପାଦନ ମାଧ୍ୟମରେ ପ୍ରଦାନ କରାଯାଇ ଓଡ଼ିଆ ଅସ୍ମିତାକୁ ଉପହାସ କରାଯାଉଥିବା ସମ୍ପର୍କରେ ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ କଳା ମାଫିଆମାନଙ୍କ ବଦଳରେ ଗ୍ରାମାଞ୍ଚଳ କଳାକାରମାନଙ୍କୁ କଳା ପରିବେଷଣ ପାଇଁ ସୁଯୋଗ ଦେଇ କିଛି ଦୁର୍ନୀତିଗ୍ରସ୍ତ ବିଭାଗୀୟ ଅଧିକାରୀ ଓ କଳା ମାଫିଆଙ୍କ ମଧୁଚନ୍ଦ୍ରିକା ବିଲୋପ ସାଧନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଜାତି ନିର୍ଯ୍ୟାତନା

5374 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ଜୁନ୍‌ରୁ ଅଦ୍ୟାବଧି ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ଅନୁସୂଚିତ ଜନଜାତି ଓ ଜାତି ନିର୍ଯ୍ୟାତନା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଛି, ତାହାର ପ୍ରତିକାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ଉନ୍ନୟନ ପ୍ରକଳ୍ପ ସାମିଲ କରିବାକୁ ପଦକ୍ଷେପ

5375 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚମ୍ପୁଆ ଓ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାଇଁ କେତେ କେତେ ମୂଲ୍ୟର କେଉଁ ପ୍ରକଳ୍ପ ସମ୍ପାଦନ ପାଇଁ ବିଭିନ୍ନ ବ୍ଲକ ଓ ପୌରସଂସ୍ଥାରୁ ପ୍ରସ୍ତାବ ଆସିଛି, ଏହି ପ୍ରକଳ୍ପ ସମ୍ପାଦନ ପାଇଁ କେତେ ଅର୍ଥର ଆବଶ୍ୟକତା ଅଛି ଓ ଆବଶ୍ୟକ ଅର୍ଥ ବଜେଟ୍‌ରେ ବ୍ୟବସ୍ଥା କରି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ବ୍ୟବସ୍ଥା ସହ ବିଧାୟକମାନଙ୍କ ସୁପାରିଶ ଆଧାରରେ ନୂତନ ଉନ୍ନୟନ ପ୍ରକଳ୍ପ ସାମିଲ୍ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ

5376 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ଶିଳ୍ପ, ଖଣି ଓ ବ୍ୟବସାୟିକ ସଂସ୍ଥା କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ ପାଇଁ କେଉଁ ବ୍ଲକ ଓ ପୌର ସଂସ୍ଥାର କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥ ଖର୍ଚ୍ଚ କରି କାର୍ଯ୍ୟ ସମ୍ପାଦନ କରୁଛନ୍ତି, ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ବିଦ୍ୟାର୍ଥୀଙ୍କୁ ତାଲିମ୍ ପ୍ରଦାନ

5377 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ବିଲସ୍ଥିତ ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନରେ କେଉଁ କେଉଁ ବିଭାଗରେ ବାର୍ଷିକ କେତେଜଣ ବିଦ୍ୟାର୍ଥୀଙ୍କୁ ତାଲିମ୍ ପ୍ରଦାନ କରାଯାଉଛି, ତାହାର ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ମଞ୍ଜୁର ହୋଇଛି, ଏଠାରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧ୍ୟକ୍ଷ, ପ୍ରଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସଂସ୍କୃତି ପାଠାଗାର ପ୍ରତିଷ୍ଠା

5378 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସଂସ୍କୃତି ପାଠାଗାର ସହ କେନ୍ଦୁଝର, ଚମ୍ପୁଆ, ଆନନ୍ଦପୁର ଉପଖଣ୍ଡ ସଂସ୍କୃତି ପାଠାଗାର ଓ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରସଂସ୍ଥାରେ ସ୍ୱତନ୍ତ୍ର ଭାବେ ସଂସ୍କୃତି ପାଠାଗାର ପ୍ରତିଷ୍ଠା କରି ଏଠାରେ ପଠନ ଗୃହ ଓ ପାଠାଗାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଧ୍ୟାପକ ପଦବୀ ପୂରଣ

5379 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ଥିବା ବିଶ୍ୱ ବିଦ୍ୟାଳୟ ମାନଙ୍କରେ କେତେ Vice-Chancelor ପଦବୀ ଖାଲି ରହିଛି, କେତେ ସଂଖ୍ୟକ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ପଦବୀ ଖାଲି ରହିଛି, ତାହାର ଏକ ବିବରଣୀ ଦେବା ସହ ଖାଲିଥିବା ଉକ୍ତ ପଦବୀ ଗୁଡିକ କେବେ ସୁଦ୍ଧା ପୂରଣ ହେବ ?

----

## ଶିକ୍ଷକ ପଦବୀ ପୂରଣ

5380 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଓଡିଶାରେ କେତୋଟି ଶିକ୍ଷକ ପଦବୀ ଖାଲି ଅଛି, ସେହିଭଳି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର କେତେ ଶିକ୍ଷକ ପଦବୀ ଖାଲି ରହିଛି, ଏହି ଖାଲିଥିବା ପଦବୀ ଗୁଡିକୁ ପୂରଣ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ

5381 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ରେ ଓଡିଶାରେ କେତୋଟି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବାର ଯୋଜନା ଅଛି, ସେହିଭଳି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତୋଟି ସ୍କୁଲ ଏହି ଯୋଜନାରେ ୨୦୨୫-୨୬ ରେ ହେବାର ଯୋଜନା ଅଛି ?

----

## ଅଧ୍ୟାପକ ପଦବୀ ପୂରଣ

5382 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବୈଷୟିକ ବିଶ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ଛାତ୍ର-ଶିକ୍ଷକ ଅନୁପାତ କେତେ ଅଛି, ଏହା ଅନୁଯାୟୀ କେତେ ଅଧ୍ୟାପକ ମାନଙ୍କର ଆବଶ୍ୟକତା ଅଛି, କେତେ ଜଣ ଅଧ୍ୟାପକ ଏବେ କାର୍ଯ୍ୟରତ, ଏହାର ଏକ ବିସ୍ତୃତ ବିବରଣୀ ଅନୁଷ୍ଠାନ ଅନୁଯାୟୀ ଦେବେ କି ?

----

## ରାଜ୍ୟରେ କାର୍ଯ୍ୟ କରୁଥିବା Software ସଂସ୍ଥା

5383 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ Software ସଂସ୍ଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ତଥା ସଂସ୍ଥା ଠାରୁ କେତେ ମୂଲ୍ୟର କେତେ order ଚଳିତ ଆର୍ଥିକ ବର୍ଷରେ ପାଇଛନ୍ତି, ଗତ ଚାରି ବର୍ଷରେ କେଉଁ ସଂସ୍ଥା ଗୁଡିକ ଏପରି କେତେ order ପାଇ ସେସବୁକୁ କାର୍ଯ୍ୟକାରୀ କରିଛନ୍ତି ?

----

## ନିଯୁକ୍ତି ଦେବା ପାଇଁ ପଦକ୍ଷେପ

5384 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟର କେତେ ଜଣ କ୍ରୀଡାବିତ କେଉଁ ସରକାରୀ ଓ ଘରୋଇ ଚାକିରୀ ପାଇଛନ୍ତି ଏବଂ ଆଉ କେତେ ଜଣ ଚାକିରୀ ଅପେକ୍ଷାରେ ଅଛନ୍ତି ଏବଂ ସେମାନଙ୍କୁ ନିଯୁକ୍ତି ଦେବା ଲାଗି କି ପଦକ୍ଷେପ ନିଆଯାଉଛି ?

----

## ଭିନ୍ନକ୍ଷମଙ୍କୁ ନିଯୁକ୍ତି

5385 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କୁ ନିଯୁକ୍ତି ଦେବା ଲାଗି ସରକାର କି ପଦକ୍ଷେପ ନେଇଛନ୍ତି ଏବଂ ଏବେ କେତେ ଜଣ ଭିନ୍ନକ୍ଷମ ସରକାରୀ ଓ ଅନ୍ୟ କ୍ଷେତ୍ରରେ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି, ଚଳିତ ଆର୍ଥିକ ବର୍ଷରେ ଏଭଳି କେତେ ଜଣ ନିଯୁକ୍ତି ପାଇଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ସରକାରୀ ଚାକିରୀ ମିଳିଛି ?

----

## ଓଡିଆ ଭାଷାର ପ୍ରସାର

5386 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉପାନ୍ତ ଅଞ୍ଚଳରେ ଅନ୍ୟ ରାଜ୍ୟରେ ଓଡିଆ ଭାଷା ଭାଷି ଇଲାକାରେ ତଥା ବିଦେଶରେ ରହୁଥିବା ଓଡିଆଙ୍କ ମଧ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ଲାଗି କୌଣସି ପଦକ୍ଷେପ ନେଉଛନ୍ତି କି, ଉତ୍ତର ହଁ ହୋଇଥିଲେ, ସେ ବିଷୟରେ ବିଶଦ୍ ବିବରଣୀ ଦେବେ କି ?

----

## ନାକ୍ ମାନ୍ୟତା ପ୍ରଦାନ ସମ୍ପର୍କରେ

5387 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ରହିଛି, ସେମାନଙ୍କ ମଧ୍ୟରୁ ଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ଘରୋଇ ଶିକ୍ଷା ଅନୁଷ୍ଠାନ ନାକ ମାନ୍ୟତା ହାସଲ କରିଛି ?

----

## ଉତ୍କର୍ଷ ଓଡିଶା ସମ୍ମିଳନୀ

5388 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ରାଜ୍ୟରେ ଆୟୋଜନ କରାଯାଇଥିବା ଉତ୍କର୍ଷ ଓଡିଶା ସମ୍ମିଳନୀରେ ରାଜକୋଷରୁ କେତେ ଅର୍ଥ ବ୍ୟୟ ହୋଇଛି, କେଉଁ ଠିକା ସଂସ୍ଥା ଜରିଆରେ ଏହି ଅର୍ଥ ଖର୍ଚ୍ଚ ହୋଇଛି, ଏହି ଆୟୋଜନ ଦ୍ୱାରା ରାଜ୍ୟକୁ କି କି ଫାଇଦା ମିଳିଛି ତାହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## କ୍ରୀଡା ତାଲିମ ପାଇଁ ବ୍ୟୟ ବରାଦ

5389 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ସ୍ଥାନରେ ସମୁଦାୟ କେତୋଟି କ୍ରୀଡା ଛାତ୍ରାବାସ ରହିଛି, ଏଥିରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି, ଏଥିପାଇଁ ବାର୍ଷିକ କେତେ ଅର୍ଥ ଖର୍ଚ୍ଚ ହେଉଛି ?

----

## ସଂଗ୍ରାହଳୟର ବାର୍ଷିକ ଆୟ

5390 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରାହାଳୟରେ ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା କେତେ, ବର୍ତ୍ତମାନ ଏହି ସଂଗ୍ରାହାଳୟରେ କେତେ ଜଣ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ଗତ 5 ବର୍ଷ ମଧ୍ୟରେ ସଂଗ୍ରାହାଳୟର ବାର୍ଷିକ ଆୟ ବ୍ୟୟ ସ୍ଥିତି କଣ ରହିଛି ?

----

## Creation of Job

5391 **Shri Kalikesh Narayan Singh Deo (Bolangir):**

Will the Minister for **Industries** be pleased to state that:- How many direct and

indirect jobs have been created by major industries (steel, mining, IT) in the last five years, and what is the district-wise breakdown, What skill development programmes are aligned with industrial needs, particularly in regions like Kalinga Nagar and Angul-Talcher ?

----

**Nos of Persons with Disability**

5392 **Shri Kalikesh Narayan Singh Deo (Bolangir):**

Will the Minister for **Social Security & Empowerment of Persons with Disabilities** be pleased to state that:- What is the total number of persons with disabilities (PwDs) enrolled under the Madhu Babu Pension Yojana (MBPY) as of March 2024, what is the total amount disbursed under the scheme during the 2023-24 fiscal year, What progress has been achieved under the Odisha State Policy on Empowerment of Persons with Disabilities, 2021, in ensuring accessible public infrastructure and transportation, Specifically, how many government buildings, roads, and buses have been retrofitted with disability-friendly features in the last two years, What steps have been taken to improve access to inclusive education (e.g., schools with special educators, assistive technologies) and healthcare (e.g., affordable assistive devices, rehabilitation centers) for PWDs in Odisha ?

----

**Development Hockey at grassroot level**

5393 **Shri Kalikesh Narayan Singh Deo (Bolangir):**

Will the Minister for **Sports & Youth Services** be pleased to state that:- What initiatives are in place to develop hockey at the grassroots level in Odisha, and what is the government's strategy to ensure Odisha remains a leading state in producing national-level hockey players, What measures has the state government undertaken to promote sports among the youth in tribal-dominated districts of Odisha, and how many sports facilities have been established in these areas under the current sports policy ?

----

**ମହାଶକ୍ତି ସିମେଣ୍ଟକୁ ଜମି ପ୍ରଦାନ**

5394 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲା ବୈରୀ ଅନ୍ତର୍ଗତ ପ୍ରସ୍ତାବିତ ସିମେଣ୍ଟ କାରଖାନା ମହାଶକ୍ତି ସିମେଣ୍ଟ (My Home Ind) କୁ ଚୁକ୍ତିନାମା ଅନୁଯାୟୀ କେତେ ଜମି ପ୍ରଦାନ କରାଯାଇଛି ଓ କେତେ ଜମି ଜବର ଦଖଲରେ ଅଛି, ଜମି ଅଧିଗ୍ରହଣ ହୋଇସାରିଛି ବୋଲି କୁହାଯାଉଥିଲେ ମଧ୍ୟ ସିମେଣ୍ଟ କାରଖାନା ଆରମ୍ଭ ନହେବାର କାରଣ କ'ଣ, କେବେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ?

----

## ମଞ୍ଜୁରପ୍ରାପ୍ତ ଟିଚିଂ ଷ୍ଟାଫଙ୍କ ସଂଖ୍ୟା

5395 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ କେତୋଟି ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟ ରହିଛି, ସେହିସବୁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ମଞ୍ଜୁରପ୍ରାପ୍ତ ଟିଚିଂ ଷ୍ଟାଫଙ୍କ ସଂଖ୍ୟା କେତେ ଓ କେତେ ପଦ ଖାଲି ପଡିଛି, ବର୍ତ୍ତମାନ ଶିକ୍ଷାଦାନ କରୁଥିବା ଟିଚିଂ ଷ୍ଟାଫଙ୍କ ମଧ୍ୟରୁ ଗେଷ୍ଟ ଫାକୁଏଲ୍ଟି (ପ୍ରଫେସର, ଆସୋସିଏଟସ ପ୍ରଫେସର, ଆସିଷ୍ଟାଟ ପ୍ରଫେସର) ଙ୍କ ସଂଖ୍ୟା କେତେ, ସେସବୁର ତଥ୍ୟ କଲେଜ/ବିଶ୍ୱବିଦ୍ୟାଳୟ ୱାରୀ ପ୍ରଦାନ କରିବେ କି ?

----

## ହାଇସ୍କୁଲକୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ

5396 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2025-26 ଶିକ୍ଷାବର୍ଷରୁ ଓଡ଼ିଶାରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହେଉଥିଲା ବେଳେ ଏପ୍ରିଲ 2'ରୁ ଶିଶୁବାଟିକା କାର୍ଯ୍ୟକ୍ଷମ ହେବ, ସେହିଭଳି ଆଗାମୀ ବର୍ଷ ମାନଙ୍କରେ ଦଶମ ପରିବର୍ତ୍ତେ ଛାତ୍ରଛାତ୍ରୀ ମାନେ ସ୍କୁଲରେ ଏକାଦଶ ପାଠ୍ୟକ୍ରମ ପଢିବେ, ଏସବୁ ଦୃଷ୍ଟିରୁ ଆସନ୍ତା ଶିକ୍ଷାବର୍ଷରେ କେତେ ଗୋଟି ହାଇସ୍କୁଲକୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (HSD) ରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି, ଆସନ୍ତା ଶିକ୍ଷାବର୍ଷରେ ବଡ଼ଚଣା ବ୍ଲକର କୌଣସି ହାଇସ୍କୁଲକୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ସରକାର ସ୍ଥିର କରିଛନ୍ତି କି, ଯଦି ହଁ, ତାର ତଥ୍ୟ ପ୍ରଦାନ କରିବେ କି ?

----

## ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର

5397 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟରତ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର 2017 ମସିହାରୁ କେଉଁ ନିର୍ଦ୍ଦିଷ୍ଟ କାରଣରୁ ପ୍ରଦାନ କରାଯାଉ ନାହିଁ ତାର ତଥ୍ୟ ପ୍ରଦାନ କରିବେ କି ?

----

## Employment Exchange ଜରିଆରେ ନିଯୁକ୍ତି ପାଇଥିବା ପିଲାଙ୍କ ତାଲିକା

5398 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅନେକ ଜାଗାରେ କ୍ଷୁଦ୍ର, ମଧ୍ୟମ ବୃହତ୍ତ ଶିଳ୍ପ କାରଖାନାମାନ ଥିବା ସ୍ଥଳେ ଅନେକ ଶିକ୍ଷିତ ବେକାର ITI, Diploma, Engineering ପିଲାମାନେ Employment Exchange ରେ ନାମ ପଞ୍ଜିକୃତ କରିଛନ୍ତି ଓ Employment Exchange ଜରିଆରେ କେଉଁ କେଉଁ ଶିଳ୍ପ ସଂସ୍ଥାରେ କେତେ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ତାର ଏକ ତାଲିକା ପ୍ରଦାନ କରିବେ କି ?

----

## ଶିକ୍ଷକ ପଦବୀ ପୂରଣ

5399 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଗତ 5 ବର୍ଷ ମଧ୍ୟରେ କେତୋଟି U.P. School ରୁ High School କୁ Upgradation ହୋଇଥିବା ସତ୍ତ୍ୱେ ଆବଶ୍ୟକ ଶିକ୍ଷକ ନଥିବାର କାରଣ କଣ, ଉକ୍ତ School ମାନଙ୍କରେ ଆବଶ୍ୟକ ପରିମାଣର କର୍ମଚାରୀ ଓ ଶିକ୍ଷକ କେବେ ସୁଦ୍ଧା ପୂରଣ କରିବେ ?

----

## ହଷ୍ଟେଲ ସୁବିଧା ପ୍ରଦାନ

5400 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର କେତୋଟି ସରକାର ଅନୁଦାନ ପ୍ରାପ୍ତ ବାଳକ ଓ ବାଳିକା ହଷ୍ଟେଲ ରହିଅଛି କେତୋଟି School ର ନିଜସ୍ୱ ଗୃହ କିମ୍ବା Hostel ନାହିଁ କେତୋଟି School ଅଛି କିନ୍ତୁ ବାଳକ ବାଳିକା ରହିବାକୁ Hostel ନାହିଁ ଓ Hostel କମ ଅଛି ସବୁର ସବିଶେଷ ତଥ୍ୟସହ କେବେସୁଦ୍ଧା ଉପରୋକ୍ତ ସମସ୍ୟାମାନ ସମାଧାନ କରିବେ ?

----

## Resource Centre ସ୍ଥାପନ

5401 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାର ବିଭିନ୍ନ ଆଦିବାସୀ ଜାତିମାନଙ୍କର ବିଗତ 10 ବର୍ଷର ଜନସଂଖ୍ୟା ଅଭିବୃଦ୍ଧି ହାର କେତେ ଏହି ଜନଜାତିମାନଙ୍କର ସଂସ୍କୃତି ଓ ଭାଷାର ବିକାଶ ପାଇଁ କାର୍ଯ୍ୟରତ ସଂସ୍ଥା ମାନଙ୍କର ବିବରଣୀ ପ୍ରଦାନ କରିବା ସହ ଏହି ଦିଗରେ ଉପୁଜୁଥିବା ଓ ପରିଲିଖିତ ହେଉଥିବା ସମସ୍ୟାମାନ କଣ ?

----

## UDID ପ୍ରମାଣ ପତ୍ର ପାଇଁ ପଞ୍ଜିକୃତଙ୍କ ସଂଖ୍ୟା

5402 **ଶ୍ରୀ ମାଧବ ଧଡା (ସୋରୋ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋର ନିର୍ବାଚନ ମଣ୍ଡଳୀରେ କେତେଜଣ UDID ପ୍ରମାଣପତ୍ର ପାଇଁ ପଞ୍ଜିକୃତ କରିଛନ୍ତି ତନ୍ମଧ୍ୟରୁ କେତେଜଣଙ୍କୁ UDID Certificate ମିଳିଛି ତାହାର ତଥ୍ୟ ଗ୍ରାମପଞ୍ଚାୟତ ୱାରୀ ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ଜିଲ୍ଲା ରେ ବ୍ଲକ ସ୍ତରୀୟ ଭୀମଭୋଇ ଶିବିର ଆୟୋଜନ ହୋଇଥିଲେ ମଧ୍ୟ UDID certificate ପ୍ରଦାନରେ ମାସ ମାସ ବିଳମ୍ବ ହେଉଥିବା ସତ୍ୟ କି, ଭିନ୍ନକ୍ଷମକୁ ଚିହ୍ନଟ କରିବା, ଥଇଥାନ କରିବା ଓ ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କର ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସୂଚନା ଦେବେ କି, ଏବଂ ସୋର ନିର୍ବାଚନ ମଣ୍ଡଳୀରେ ଆଜି ପର୍ଯ୍ୟନ୍ତ କେତେଜଣ ଦିବ୍ୟାଙ୍ଗ ବ୍ୟକ୍ତି ଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କି କି ପଦକ୍ଷେପ ଗ୍ରହଣ କରାଯାଉଛି, ଏବଂ (NCSCDA) ଓ SSEPD ମିଳିତଭାବେ ୨୦୧୫-୧୬ ବର୍ଷରୁ ଏଯାବତ୍ ସୋର ନିର୍ବାଚନ ମଣ୍ଡଳୀ ର କେତେ ସଂଖ୍ୟାର ଭିନ୍ନକ୍ଷମ ଯୁବକ/ ଯୁବତୀ ମାନଙ୍କୁ କେଉଁ ପ୍ରକାର ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଇଛି ଓ ତାଲିମ ପାଇଥିବା ଯୁବକ/ ଯୁବତୀଙ୍କ ମଧ୍ୟରୁ କେଉଁମାନେ କେଉଁଠାରେ ଓ କେଉଁ ପ୍ରକାର ଆତ୍ମନିଯୁକ୍ତି ପାଇଛନ୍ତି ଓ ଆତ୍ମନିଯୁକ୍ତି ପାଇଥିବା ଭିନ୍ନକ୍ଷମ ଯୁବକ/ ଯୁବତୀ ମାନଙ୍କର ସମ୍ପୂର୍ଣ ଠିକଣା ଥାଇ ଏକ ତାଲିକା ପ୍ରଦାନ କରିବେ କି ?

----

## Rural Sport କୁ Promote କରିବା ପାଇଁ ପଦକ୍ଷେପ

5403 **ଶ୍ରୀ ମାଧବ ଧଡା (ସୋରୋ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀ ରେ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ Rura! Sports କୁ promote କରିବା ପାଇଁ କ ' ଣ ପଦକ୍ଷେପ ନେଇଛନ୍ତି ଏବଂ ଏଥିପାଇଁ କେତେ ଅନୁଦାନର ବ୍ୟବସ୍ଥା କରିଥିଲେ ଜଣାଇବେ କି ; ଏହା ମାଧ୍ୟମରେ ସୋର ନିର୍ବାଚନ ମଣ୍ଡଳୀରେ କେଉଁଠାରେ କି କି କାର୍ଯ୍ୟକ୍ରମ ହୋଇଛି ଏବଂ କେତେ ଅନୁଦାନର ବ୍ୟବସ୍ଥା ହୋଇଥିଲା ତାହାର ବର୍ଷୱାରୀ ତଥା place ଅନୁଯାୟୀ ହିସାବ ଦେବେ କି ; (ଖ) ଚଳିତ ଆର୍ଥିକ ବର୍ଷରେ ରାଜ୍ୟର କେଉଁ ବ୍ଲକର କେଉଁଠାରେ " ବ୍ଲକ ସ୍ତରୀୟ ମିନି ଷ୍ଟାଡିୟମ୍" ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏବଂ ଆଗାମୀ ଆର୍ଥିକ ବର୍ଷ ରେ କେଉଁ ବ୍ଲକର କେଉଁଠାରେ " ବ୍ଲକ ସ୍ତରୀୟ ମିନି ଷ୍ଟାଡିୟମ୍" ନିର୍ମାଣ ପାଇଁ ସରକାର ଙ୍କ ପ୍ରସ୍ତାବ ଅଛି ଓ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ " ବ୍ଲକ ସ୍ତରୀୟ ମିନି ଷ୍ଟାଡିୟମ୍" ନିର୍ମାଣ ପାଇଁ କେତେ ଅର୍ଥ ବରାଦ କରାଯାଇଅଛି, ତା'ର ଏକ ତାଲିକା ଉପସ୍ଥାପନ କରିବେ କି ; ଅବଶିଷ୍ଟ ବ୍ଲକ୍ ଗୁଡିକରେ ଏହି ଷ୍ଟାଡିୟମ୍ କେବେ ସୁଦ୍ଧା ନିର୍ମାଣ କରାଯିବ ; ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ

5404 **ଶ୍ରୀ ମାଧବ ଧଡା (ସୋରୋ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ସୋର ନିର୍ବାଚନ ମଣ୍ଡଳୀର ଶିଷ୍ୟଗୁରୁ ଭାବେ ପରିଚିତ ଉପେନ୍ଦ୍ରନାଥ ପ୍ରଧାନଙ୍କ ସ୍ମୃତିରକ୍ଷା ସହ ତାଙ୍କ ପୂର୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସୋର କଲେଜ ଛକ ଠାରେ ସ୍ଥାପନ ପାଇଁ ସୋର ଜନସାଧାରଣଙ୍କ ଦାବି ବିଷୟରେ ସରକାର ଅବଗତ ଅଛନ୍ତି କି, ତାହାର କାର୍ଯ୍ୟକାରୀତା ପାଇଁ ବିଭାଗ କି ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି; (ଖ) ସୋର ନିର୍ବାଚନ ମଣ୍ଡଳୀର ଭାଗବତ ଟୁଙ୍ଗୀ/ପୀଠ କୋଠାଘର ଆଦି ପାଇଁ ସଂସ୍କୃତି ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ପାଣ୍ଠି କେବେଠାରୁ ଭାଗବତ ଟୁଙ୍ଗା/ପୀଠ/କୋଠାଘର କୁ ଏ ପର୍ଯ୍ୟନ୍ତ ଆବଣ୍ଟନ କରାଯାଇ ନାହିଁ; ତାର କାରଣ ସହ କେବେ ସୁଦ୍ଧା ବଣ୍ଟନ ସରିବ ଏକ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ପ୍ରତିମୂର୍ତ୍ତି ଗୁଡିକର ସୁରକ୍ଷା

5405 **ଶ୍ରୀ ମାଧବ ଧଡା (ସୋରୋ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବରପୁତ୍ର ମାନଙ୍କର ସ୍ମାରକୀ ସ୍ୱରୂପ ନିର୍ମାଣ କରାଯାଉଥିବା ପ୍ରତିମୂର୍ତ୍ତୀ କେବଳ ରାଜଧାନୀରେ ମୁଖ୍ୟତଃ ନ ବସି ବରପୁତ୍ର ଙ୍କ ଜନ୍ମ ସ୍ଥାନ, ସଂପୃକ୍ତ ଗ୍ରାମପଞ୍ଚାୟତ ଓ ବ୍ଲକ ର ମୁଖ୍ୟାଳୟ ମାନଙ୍କରେ ବସାଯିବା ପାଇଁ ନିଷ୍ପତ୍ତି ନେବେ କି ; ସଂସ୍କୃତି ବିଭାଗ ତରଫରୁ ସମୁଦାୟ କେତୋଟି ପ୍ରତିମୂର୍ତ୍ତି କେଉଁ କେଉଁ ବ୍ଲକ, ଜିଲ୍ଲା ମୁଖ୍ୟାଳୟ ରେ ବସିଛି ଓ ତାର ସୁରକ୍ଷା ଓ ପରିଚାଳନା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ; ( ଖ ) ସୋର ନିର୍ବାଚନ ମଣ୍ଡଳୀରେ ଡ଼ା. ହରେକୃଷ୍ଣ ମହତାବଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବେ କି, ସୋର ନିର୍ବାଚନ ମଣ୍ଡଳୀର କେଦାରଲପୁର ଗ୍ରାମ ପଞ୍ଚାୟତରେ ଅବସ୍ଥିତ କବିବର ରାଧାନାଥ ରାୟଙ୍କ ଜନ୍ମପୀଠ ଅତ୍ୟନ୍ତ ଅବହେଳିତ ଅଟେ, ଏହାର ଉନ୍ନତିକରଣ କରିବା ସଙ୍ଗେ ସଙ୍ଗେ ଏହାକୁ ଜାତୀୟ ସ୍ମାରକୀ ପୀଠ ଘୋଷଣା ପାଇଁ ସରକାର ଜରୁରୀ ପଦକ୍ଷେପ ଗ୍ରହଣ କରିବେ କି ?

----

## ବିଦ୍ୟାର୍ଥୀଙ୍କ ମେଧାଶକ୍ତି ବୃଦ୍ଧି

5406 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଶିକ୍ଷା ଭିତ୍ତିଭୂମି ଉନ୍ନୟନ କରି ବିଦ୍ୟାର୍ଥୀଙ୍କ ମେଧାଶକ୍ତି ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଦବୀ ପୂରଣ

5407 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ରହିଛି ଏବଂ କେଉଁ ବର୍ଷରୁ କେତେ ସଂଖ୍ୟକ ଅଧ୍ୟାପକ ପଦବୀ କେଉଁ କାରଣରୁ ଖାଲି ରହିଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ବିଗତ ୧୦ ବର୍ଷ ମଧ୍ୟରେ କେଉଁ ବର୍ଷ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ କେତେ ପଦବୀ ଖାଲି ରହିଥିଲା ଓ କେତେଗୋଟି ପଦବୀ ପୂରଣ କରାଯାଇଥିଲା ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଅଧ୍ୟାପକ ପଦବୀ ପୂରଣ

5408 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲାର କେଉଁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚତମ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବିଭାଗ ଓ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## Autonomous College ର ମାନ୍ୟତା

5409 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନୂତନ ଭାବେ Autonomous College କରିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି, Degree College କି କି Criteria ପୂରଣ Degree College କରୁଥିଲେ ସରକାର ତାକୁ Autonomous College ର ମାନ୍ୟତା ଦେବେ ଦେବଗଡ ଜିଲ୍ଲାରେ ଅବସ୍ଥିତ ଦେବଗଡ କଲେଜକୁ Autonomous College ରେ ପରିଣତ କରିବାକୁ କି କି ପ୍ରତିବନ୍ଧକ ଅଛି ?

----

## ସାନ୍ତାଳି ଭାଷା ପ୍ରଚଳନ

5410 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାନ୍ତାଳି ଛାତ୍ର ଛାତ୍ରୀ ପଢୁଥିବା ଆଶ୍ରମ ସେବାଶ୍ରମ SSD ଉଚ୍ଚ ବିଦ୍ୟାଳୟ ଏବଂ ଏକଲବ୍ୟ (ମଡେଲ) ବିଦ୍ୟାଳୟ ଗୁଡିକରେ ସମ୍ବିଧାନ ସ୍ୱୀକୃତୀ ସାନ୍ତାଳୀ ଭାଷା ପ୍ରଚଳନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## R.P. ମାନଙ୍କ ପାରିଶ୍ରମିକ

5411 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2024 ମସିହାରୁ ଅଦ୍ୟାବଧି କେତେ ଜଣ R.P. ବିଭିନ୍ନ ଭାଷାପାଇଁ କେଉଁ କେଉଁ କାର୍ଯ୍ୟ ନିମନ୍ତେ ମନୋନୀତ ହୋଇ ଛନ୍ତି ସେଥିପାଇଁ କେତେ ଟଙ୍କା ପାରିଶ୍ରମିକ ଭାବରେ ପ୍ରଦାନ କରାଯାଇଛି ଏବଂ ବକେୟା ଅଛି ଏହାର ଏକ ତଥ୍ୟ ଭାଷା କାର୍ଯ୍ୟର ନାମ R.P. ଙ୍କ ନାମ ଏବଂ ପାରିଶ୍ରମିକ ବିବରଣୀ ବର୍ଷୱାରୀ ପ୍ରଦାନ କରିବେ କି ବକେୟା ପାରିଶ୍ରମିକ କେବେ ସୁଦ୍ଧା ପ୍ରଦାନ କରାଯିବ ?

----

## ଅର୍ଥ ବରାଦ

5412 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ ପ୍ରଚଳିତ ହୋଇଥିବା ସମ୍ବିଧାନ ସ୍ୱୀକୃତୀ ଭାଷା ବାବଦରେ 2025-26 ଆର୍ଥିକ ବର୍ଷରେ କେତେ ପରିମାଣର ଅର୍ଥ ବରାଦ କରାଯାଇଛି ଏହାର ଏକ ତାଲିକା ସମ୍ବିଧାନ ସ୍ୱୀକୃତୀ ଭାଷା ୱାରୀ ପ୍ରଦାନ କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଗ୍ରହଣ

5413 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସିମୁଳିଆ ନିର୍ବାଚନ ମଣ୍ଡଳୀର ଦୁଇ ତହସିଲ ଅଧିନରେ କେତେ ପରିମାଣର IDCO ଜମି ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ତଥା ଉନ୍ନୟନ କାର୍ଯ୍ୟ ନିମନ୍ତେ ସରକାର କେଉଁ ଉଦ୍ଦେଶ୍ୟରେ କେଉଁ ସମ୍ପୃକ୍ତ ଲିଜଧାରୀଙ୍କ ନାମରେ ଲିଜ ପ୍ରଦାନ କରିଛନ୍ତି ଏହା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୃକ୍ତ ଲିଜଧାରୀ ଙ୍କ ନାମରେ ଲିଜ ପ୍ରଦାନ କରିଛନ୍ତି ଏହା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୃକ୍ତ ଲିଜଧାରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି କି ନାହିଁ ତାହାର ସମ୍ପୂର୍ଣ୍ଣ ବିବରଣୀ ଦେବେ କି IDCO ଜମିରେ ଶିଳ୍ପ ପ୍ରତିଷ୍ଠା ନକରି ଅନ୍ୟ ଉଦେଶ୍ୟରେ ବ୍ୟବହାର କରୁଥିବା ସରକାର ଅବଗତ ଅଛନ୍ତି କି ଯଦି ହଁ ତେବେ ଲିଜଧାରୀଙ୍କ ଠାରୁ IDCO ଜମି ଫେରାଇଆଣିବା ପାଇଁ ପଦକ୍ଷେପ ନେବେ କି ?

----

## ଶିଳ୍ପ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା

5414 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସିମୁଳିଆ ନିର୍ବାଚନ ମଣ୍ଡଳୀର Markona ଠାରେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନେଇଛନ୍ତି ?

----

## Loan Subsidy ପ୍ରଦାନ

5415 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ Skill Development ମାଧ୍ୟମରେ 2019-2024 December 31 ପର୍ଯ୍ୟନ୍ତ କେତେଜଣ ସର୍ବମୋଟ ଉପକୃତ ହୋଇ Self ବ୍ୟବସାୟ କରିପାରିଛନ୍ତି ତାହାର ଏକ ବ୍ଲକଓ୍ୱାରୀ ତାଲିକା ଦେବେ କି ଏବଂ ଏମାନେ ସରକରାଙ୍କ କି କି ସୁବିଧା Loan Subsidy ଆକାରରେ ପାଇଛନ୍ତି ତାହାର ତାଲିକା ପ୍ରଦାନ କରିବେ କି ?

----

## NET ପରୀକ୍ଷାରେ ଉତ୍ତୀର୍ଣ୍ଣ ଅଧ୍ୟାପକଙ୍କ ବିବରଣୀ

5416 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ଉଭୟ ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଗୁଡିକରେ 2014 ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଅଧ୍ୟାପକ UGC ଦ୍ୱାରା ଆୟୋଜିତ NET ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ତାହାର ସଂଖ୍ୟା କେତେ ?

----

## ଥଇଥାନ ବ୍ୟବସ୍ଥା ଲାଗୁ ପାଇଁ ପଦକ୍ଷେପ

5417 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଆଦର୍ଶ ବିଦ୍ୟାଳୟରେ ଦିବଂଗତ 17 ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରିବାରକୁ ସରକାରଙ୍କ ଦ୍ୱାରା କୌଣସି ପ୍ରକାର ସୁଯୋଗ ପ୍ରଦାନ କରାଯାଇ ନାହିଁ ତେଣୁ ଆଦର୍ଶ ବିଦ୍ୟାଳୟ ଗୁଡିକର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା (Rehabilitation Scheme) ଲାଗୁ କରିବେ କି ?

----

## କ୍ରୀଡାର ବିକାଶ

5418 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ଗ୍ରାମାଞ୍ଚଳରୁ ସହର ରାଜଧାନୀ ଯାଏ କି କି ବ୍ୟବସ୍ଥା କରିଛନ୍ତି କେତେ ଇନଡୋର ଷ୍ଟାଡିୟମ କରିଛନ୍ତି କେତେ ଖେଳାଳୀଙ୍କ କେଉଁ କେଉଁ ଖେଳ ପାଇଁ ଟ୍ରେନିଂ ଦେଉଛନ୍ତି ଓ ବିଭିନ୍ନ ଜାତୀୟ ଆନ୍ତର୍ଜାତୀୟ, ଏସିଆନ ଓ Olympic ଖେଳରେ ଭାଗ ନେବା ଭଳି ଓ Success ହେବା ଭଳି ଦକ୍ଷ କୋଚ ନିଯୁକ୍ତି ଦେବା ଖେଳାଳିମାନଙ୍କ ସୁବିଧା କରାଇବା ପାଇଁ ବ୍ୟବସ୍ଥା କରିବେ କି ?

----

## NAC ମାନ୍ୟତା ପ୍ରଦାନ

5419 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- RUSA ଯୋଜନାରେ ଆସୁଥିବା ଅନୁଦାନ କେଉଁ କେଉଁ କାମରେ ବିନିଯୋଗ ହେବାକଥା, UGC Guide Line କଣ ଅଛି କେଉଁ କଲେଜକୁ କି କି ଡିଭିଜନର ଅବସ୍ଥା (Criteria) Satisfy କଲେ ଠିକ୍ ମାନ୍ୟତା ମିଳିବାର ଅଧିକ ସମ୍ଭାବନା ଥାଏ କହିବେ କି ?

----

## ଅଡିଟୋରିୟମ ପ୍ରତିଷ୍ଠା

**5420 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ମୋହନା ନିର୍ବାଚନ ମଣ୍ଡଳୀରେ କୌଣସି ଏକ ସ୍ଥାନରେ ଏକ ଅଡିଟୋରିୟମ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## Post Graduate Study ପ୍ରଚଳନ

**5421 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେଉଁ ରାଜ୍ୟରେ ସମ୍ପୃକ୍ତ ଅନୁଦାନ ପ୍ରାପ୍ତ ସୁଦୃଢ ଭିତ୍ତିଭୂମି ଥାଇ କେତୋଟି ଡିଗ୍ରୀ ମହାବିଦ୍ୟାଳୟରେ Post Graduate Study ପ୍ରଚଳନ ପାଇଁ ଅନୁମତି ପ୍ରଦାନ ଚଳିତ ଶିକ୍ଷା ବର୍ଷ ପାଇ ଦେଇଛନ୍ତି ଏଥିପାଇଁ ପ୍ରଣୀତ ହୋଇଥିବା ନୀତି ନିୟମ ତଥ୍ୟ ସହ ଗଜପତି ଜିଲ୍ଲାରେ +3 College ଖୋଲିବାର ବ୍ୟବସ୍ଥା କରିବେ କି ?

----

## ଶିଳ୍ପ ଆରମ୍ଭ ପାଇଁ ଚୁକ୍ତି

**5422 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଦିଲ୍ଲୀ, ବମ୍ବେ, ସିଙ୍ଗାପୁର ଠାରେ ଇଣ୍ଡଷ୍ଟ୍ରିଆଲ ରୋଡ ସୋ ଆୟୋଜନକରି କେଉଁ କେଉଁ ଶିଳ୍ପ ମନ୍ତ୍ରୀ ଙ୍କ ସାଙ୍ଗରେ ଓଡିଶା ସରକାର କି କି ପ୍ରକାର ଶିଳ୍ପ ଆରମ୍ଭ କରିବା ପାଇଁ ଆଲୋଚନା ବା ଚୁକ୍ତି କରିଛନ୍ତି ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ସ୍ୱାକ୍ଷରିତ ବୁଝାମଣା ପତ୍ରର ବିବରଣୀ

**5423 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଉତ୍କର୍ଷ ଓଡିଆ ସମ୍ମିଳନୀରେ କେତେଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ସେ ବୁଝାମଣା ଗୁଡିକର ବିଷଦ ବିବରଣୀ ସାରଣୀ ଆକାରରେ ପ୍ରଦାନ କରିବେ କି ?

----

## Recommendation ଉପରେ ନିଆଯାଇଥିବା ପଦକ୍ଷେପ

**5424 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ST & SC Development, Minorities & Backward Classes Welfare National Commission for Schedule Tribe ରାଜ୍ୟ ସରକାରଙ୍କୁ ଯେଉଁ State Review report ପ୍ରଦାନ କରିଥିଲେ ସେହି report ରେ ଯେଉଁ recommendation କରାଯାଇଥିଲା ତାହା ଉପରେ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ମରାମତି/ରକ୍ଷଣାବେକ୍ଷଣ କାର୍ଯ୍ୟ

5425 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) Budget ରେ DEO/BEO ଅଫିସ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ DSE/DEEL(O) ରେ ବିଭିନ୍ନ ଜିଲ୍ଲାରୁ ମରାମତି/ରକ୍ଷଣାବେକ୍ଷଣ/E.I. କାମର ପ୍ରସ୍ତାବକୁ A/A ନଦେଇ Budget ଅର୍ଥ କୁ ବିନିଯୋଗ ନକରି Surrender କରୁଥିବା ଅଧିକାରୀଙ୍କ ଉପରେ FRBM Act ଲାଗୁକରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି, (ଖ) 2021-2022 ରୁ 2023-2024 ଆର୍ଥିକ ବର୍ଷରେ କେତେଗୋଟି DEO/BEO ଅଫିସରୁ ମରାମତି ରକ୍ଷଣାବେକ୍ଷଣ କାମ ପାଇଁ A/A ଦିଆଯାଇଥିଲା ତାହାର ସବିଶେଷ ତାଲିକା ପ୍ରଦାନ ସହ BEO ଅଫିସ ପାଇଁ ଉଦ୍ଦିଷ୍ଟ ବ୍ୟୟବରାଦରେ କେତେଗୋଟି Primary School/UP School ର P.H କାମପାଇଁ A/A ପ୍ରଦାନ କରାଯାଇଛି ତାହାର ତାଲିକା ପ୍ରଦାନ କରିବେ କି ?

----

## ଶିକ୍ଷା ଭବନ ନିର୍ମାଣ

5426 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରସ୍ତାବିତ ଶିକ୍ଷା ଭବନ ନିର୍ମାଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ UOI No. 1198/CS, dt.26.11.2024 ଉପରେ ବିଭାଗ ତରଫରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## କର୍ମଚାରୀଙ୍କୁ ଅନୁଦାନ

5427 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଉଚ୍ଚଶିକ୍ଷାର ବ୍ୟାପକ ସଂସ୍କାର ଓ ଏକକ ଶିକ୍ଷାନୀତି ପ୍ରଣୟନ ପାଇଁ ଅଧିକ ବର୍ଗୀକରଣ ବ୍ୟବସ୍ଥାକୁ ବନ୍ଦ କରି ସରକାରୀ ଓ ବେସରକାରୀ ପରି 2 ଟି ପ୍ରକାର ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ପଦକ୍ଷେପ ନିଆଯିବା ସହିତ ଅନୁଦାନ ଅପେକ୍ଷାରେ ଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଅନୁଦାନ ସମ୍ପ୍ରସାରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ କି ?

----

## ଆର୍ଥିକ ସହାୟତା

5428 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଆର୍ଥିକ ବିକାଶ ପାଇଁ କେଉଁ କେଉଁ ଆୟ ସୃଷ୍ଟିକାରୀ ଯୋଜନା କାର୍ଯ୍ୟକ୍ଷମ ହେଉଅଛି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଅର୍ଥ ଏବଂ ବିକାଶ ସମବାୟ ନିଗମ (OBCFDCC) ଦ୍ୱାରା 2023-24 ଓ 2024-25 ଆର୍ଥିକ ବର୍ଷରେ କେଉଁ ଆୟ ସୃଷ୍ଟିକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ କେତେ ଅର୍ଥ ସହାୟତା ଯୋଗାଇ ଦିଆଯାଇଛି, ତାହାର ଯୋଜନା ନାମୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; (ଖ) ବଲାଙ୍ଗିର ଜିଲ୍ଲା ଓ ବିଶେଷ କରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେତେଜଣ ଯୁବକଯୁବତୀ ତଥା ଅନ୍ୟ ହିତାଧିକାରୀଙ୍କୁ କେଉଁ ଆୟ ସୃଷ୍ଟିକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବା ଋଣ ଯୋଗାଇ ଦିଆଯାଇଛି ତାହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ପ୍ରଶିକ୍ଷଣ ପାଇଁ ଅନୁଦାନ

5429 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାରେ କେତେଗୋଟି ଡିଗ୍ରୀ ମହାବିଦ୍ୟାଳୟ ଚାଲୁଅଛି, ସେଥିମଧ୍ୟରୁ କେତୋଟି ସରକାରୀ ଏବଂ କେତୋଟି ୪୫୫ ଓ ୬୬୨ ବର୍ଗର, ଏହି ଶିକ୍ଷାନୁଷ୍ଠାନରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (NCC) ତରଫରୁ କେଉଁ କେଉଁ ଅନୁଷ୍ଠାନକୁ ଜଳ, ସ୍ଥଳ ଓ ଆକାଶ ବାହିନୀର ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଉତ୍ତର 'ହଁ',କେଉଁ କେଉଁ ଅନୁଷ୍ଠାନକୁ ଦିଆଯାଇଛି ଏବଂ କେଉଁ ଅନୁଷ୍ଠାନ ଓ ପର୍ଯ୍ୟନ୍ତ ପାଇନାହାନ୍ତି ଏହାର ଏକ ତାଲିକା ଦେବେ କି, କେଉଁ ଅନୁଷ୍ଠାନ ଆବେଦନ କରିଅଛନ୍ତି ଅଦ୍ୟାବଧି ପାଇନାହାନ୍ତି, ଏ କ୍ଷେତ୍ରରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସବିଶେଷ ତଥ୍ୟ ଦେବେ କି ?

----

## ଛାତ୍ର ସଂସଦ ନିର୍ବାଚନ

5430 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ର ସଂସଦ ନିର୍ବାଚନ କେବେଠାରୁ ବନ୍ଦ ରହିବାର କାରଣ କ'ଣ, ସରକାର ଛାତ୍ର ସଂସଦ ନିର୍ବାଚନ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କିରିବେ କି, ଯଦି 'ହଁ' , କେଉଁ ଶିକ୍ଷା ବର୍ଷରୁ ଏହା କାର୍ଯ୍ୟକାରୀ ହେବ ?

----

## ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଅକ୍ଷ୍ୟକ୍ଷ ପଦବୀ

5431 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ମାନଙ୍କରେ ଅନେକ ଅକ୍ଷ୍ୟକ୍ଷ ପଦବୀ ଖାଲିଥିବା ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର 'ହଁ', କେତୋଟି ବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା Principal ନଥାଇ ଶିକ୍ଷକ ମାନେ ଚାର୍ଜରେ ଅଛନ୍ତି ତତ୍ ସହ ଆବଶ୍ୟକ ଶିକ୍ଷକ ଶିକ୍ଷୟତ୍ରୀ ଅଭାବ ହେତୁ ଶିକ୍ଷାଦାନରେ ଅବ୍ୟବସ୍ଥା ହେଉଥିବା ସରକାର ଅବଗତ ଅଛନ୍ତି କି, ଏଣୁ କେବେସୁଦ୍ଧା ପୂର୍ଣ୍ଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଖାଲିସ୍ଥାନ ଗୁଡିକରେ ପୂରଣ କରିବେ ?

----